# ସତ୍ୟ ନ୍ୟୁଜ୍
ଓଡ଼ିଆ ଦୈନିକ
RNI No.-ODIODI/2024/17847

www.satyanews24.in
RNI No.ODIODI/2024/17847
୦୧ ବର୍ଷ Volume-01
ISSUE - 70 ସଂଖ୍ୟା-୭୦
ଭୁବନେଶ୍ୱର, ବୁଧବାର ୨, ଏପ୍ରିଲ ୨୦୨୫
Bhubaneswar, Wednesday, 2, April 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୭.୦୦ ଟଙ୍କା Price : Rs.7.00
E-Mail : satyanews24.bbsr@gmail.com



Like, Follow & Subscribe
Satya News24


### ସତ୍ୟଭାମାପୁରରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ

# ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ହେବ

- ସାରା ରାଜ୍ୟରେ ଓଡିଆ ଅସ୍ମିତାର ଉତ୍ସବ
- ଓଡ଼ିଆ ପକ୍ଷ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ମଧୁବାବୁଙ୍କ ଜନ୍ମପୀଠକୁ ଓଡିଆ ଜାତୀୟତା ଭାବର ଏକ କେନ୍ଦ୍ର ସ୍ଥଳ ଭାବେ ବିକଶିତ କରାଯିବ
- ମଧୁସୂଦନ ଦାସଙ୍କ ଜନ୍ମ ସ୍ଥାନର ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ, ଖର୍ଚ୍ଚ ହେବ ୨୧ କୋଟି ଟଙ୍କା
- ସମୃଦ୍ଧ ଓଡିଶା ଗଠନରେ ଆମର ମୁଖ୍ୟ ଆଧାର ହେବ-ଅସ୍ମିତା, ଉଚ୍ଚାଶା ଓ ଅବିଶ୍ରାନ୍ତ ଉଦ୍ୟମ




**ଭୁବନେଶ୍ୱର :** ମଙ୍ଗଳବାର ଓଡିଶା ଦିବସ। ସାରା ରାଜ୍ୟରେ ଓଡିଆ ଅସ୍ମିତାର ଉତ୍ସବ। ଏହି ଅବସରରେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଓଡିଶା ଗଠନର ମୁଖ୍ୟ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ମାଟି ସତ୍ୟଭାମାପୁରରେ ଆୟୋଜନ କରିଛନ୍ତି ରାଜ୍ୟ ସ୍ତରୀୟ ଓଡିଶା ଦିବସ କାର୍ଯ୍ୟକ୍ରମ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁର ହେଉଛି ଆମ ପାଇଁ ଏକ ପବିତ୍ର ସ୍ଥାନ, ଏକ ତୀର୍ଥ। ଏ ସ୍ଥାନକୁ ଓଡିଆ ଜାତୀୟତା ଭାବର ଏକ କେନ୍ଦ୍ର ସ୍ଥଳ ଭାବେ ବିକଶିତ କରାଯିବ । ମୁଖ୍ୟମନ୍ତ୍ରୀ କହିଲେ ଯେ, ଆଜି ଦିନଟି ହେଉଛି ଓଡ଼ିଆ ଅସ୍ମିତାର ଦିବସ। ଓଡ଼ିଆ ସ୍ୱାଭିମାନର ଦିବସ। ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନକୁ ଗୁରୁତ୍ୱ ଦେଇ ଓଡ଼ିଶାବାସୀ ଯେଉଁ ପରିବର୍ତ୍ତନ ଆଣିଥିଲେ, ତାକୁ ସମ୍ମାନ ଦେଇ, ଆଜି ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ମଧୁବାବୁଙ୍କ ଗାଁ’ ମାଟିରେ ‘ଓଡ଼ିଶା ଦିବସ’ ପାଳନ କରୁଛୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ ‘ମଧୁସୂଦନ ଦାସଙ୍କ ଜନ୍ମ ସ୍ଥାନର ସମନ୍ୱିତ ବିକାଶ କାର୍ଯ୍ୟକ୍ରମ(ଓଭଷ୍ଟରଶକ୍ୱବଷ୍ଟରୟ ଊରଙ୍ଗରକ୍ଷକ୍ଟକ୍ତ-ଙ୍କରଭଷ୍ଟ କ୍ଟଳ ଗବୟଷଙ୍କଷ୍ୱଙ୍କୟବଭ ଊବଷ୍ଟ’ ଇସକ୍ୱଷ୍ଷ ଚକ୍ଷବମର)’ର ଭିତ୍ତିପ୍ରସ୍ତର ରଖିଥିଲେ । ୨୧ କୋଟି ଟଙ୍କା ବିନିଯୋଗରେ ବିକଶିତ ହେଉଥିବା ଏହି କାର୍ଯ୍ୟକ୍ରମରେ ମଧୁବାବୁଙ୍କ ଜନ୍ମ ସ୍ଥାନର ଉନ୍ନତିକରଣ ସହିତ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ, ଏନ୍ତୁଡିଶାଳର ଉନ୍ନତିକରଣ, ପ୍ରତିମୂର୍ତ୍ତି ନିର୍ମାଣ, ଅତିଥି ଭବନ, ପାଠାଗାର ଏବଂ ସେଠାରେ ଥିବା ଜଳାଶୟରେ ଲାଇଟ ଆଣ୍ଡ ସାଉଣ୍ଡ ସିଷ୍ଟମ ସ୍ଥାପନ ଆଦି କରାଯିବ ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆମର ବରପୁତ୍ର ମାନେ ଯେଉଁ ତ୍ୟାଗ ଓ ସଂଗ୍ରାମ କରିଯାଇଛନ୍ତି, ସେ ଋଣକୁ ଆମେ କେବେ ବି ସୁଝି ପାରିବୁ ନାହିଁ। ତେବେ, ଏକ ସମୃଦ୍ଧ ଓଡିଶା ଗଠନ କରି ସେମାନଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବୁ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଢ଼େ ଚାରି କୋଟି ଓଡ଼ିଶାବାସୀ ଯେତେବେଳେ ଏକଜୁଟ ହୋଇ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆଗେଇ ଚାଲିବେ, ସେତେବେଳେ ପୃଥିବୀର କୌଣସି ଶକ୍ତି ତାଙ୍କୁ ଅଟକେଇ ପାରିବେ ନାହିଁ। ସାଢ଼େ ଚାରି କୋଟି ଓଡ଼ିଆଙ୍କ ସ୍ୱପ୍ନ ପୂରଣ ହେବ। ଲକ୍ଷ୍ୟ ସଫଳ ହେବ। ଓଡିଶାର ଏହି ମହା ପରିବର୍ତ୍ତନର ଯାତ୍ରାରେ ସମସ୍ତେ ସାମିଲ ହୋଇ ସମୃଦ୍ଧ ଓଡ଼ିଶାର ମହାନ ଲକ୍ଷ୍ୟକୁ ହାସଲ କରିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟରେ ଆରମ୍ଭ ହୋଇଥିବା ଓଡିଆ ପକ୍ଷ ପାଳନ କରିବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଓଡ଼ିଶାର ପ୍ରକୃତ ସମ୍ପଦ ହେଉଛନ୍ତି ଆପଣମାନେ। ଆମର ସାଢ଼େ ଚାରି କୋଟି ଓଡ଼ିଶାବାସୀ। ଆମର ପ୍ରତ୍ୟେକ ରକ୍ତ ବିନ୍ଦୁରେ ଓଡ଼ିଆ ଅସ୍ମିତା ଭରି ରହିଛି। ଆମର ଚାଲିଚଳଣ, କଥାବାର୍ତ୍ତା, ଖାଦ୍ୟ ସବୁଥିରେ ଭରି ରହିଛି ଗୋଟିଏ ନିଛକ ଓଡ଼ିଆ ପଣ। ସେହି ଓଡ଼ିଆପଣ, ଓଡ଼ିଆ ଅସ୍ମିତାକୁ ଆଗେଇ ନେବା ପାଇଁ ଆମେ ପ୍ରତିବଦ୍ଧ। ସେଥିପାଇଁ ଆଜିଠାରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଆମେ ‘ଓଡ଼ିଆ ପକ୍ଷ’ ପାଳନ କରୁଛୁ । ଏହି ସମୟରେ ପ୍ରତ୍ୟେକ ଓଡିଆ ପାରମ୍ପରିକ ଓଡ଼ିଆ ଖାଦ୍ୟ ଖାଇବା, ଓଡ଼ିଆ ପୋଷାକ ପିନ୍ଧିବା ଏବଂ ଓଡ଼ିଆରେ ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ରାଜ୍ୟ ତଥା ରାଜ୍ୟ ବାହାରେ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସମସ୍ତ ଓଡ଼ିଆ ଭାଇ ଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁର କେବଳ ମଧୁବାବୁଙ୍କ ଜନ୍ମମାଟି ନୁହେଁ, ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ତୀର୍ଥ ସ୍ଥଳ। ଆଧୁନିକ ଭାରତରେ ଓଡ଼ିଆ ଭାଷାର ଉତ୍‌ଥାନ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୁରୋଧାଙ୍କ ଜନ୍ମସ୍ଥଳୀ ହେଉଛି ଏ ପବିତ୍ର ମାଟି। ଯେଉଁ ମାଟିର ସନ୍ତାନ ସବୁ ପ୍ରତିକୂଳ ପରିସ୍ଥିତି ସହିତ ଲଢ଼ି, ଆମକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ, ତାଙ୍କୁ ସଶ୍ରଦ୍ଧ ପ୍ରଣିପାତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ସେ ପୁଣି କହିଥିଲେ ଯେ, ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ହୋଇଥିବା ଆନ୍ଦୋଳନର ଲକ୍ଷ୍ୟ କେବଳ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ଭୌଗୋଳିକ ଭୂଖଣ୍ଡ ବନାଇବା ନ ଥିଲା। ଏହାର ଆଉ ଗୋଟିଏ ପ୍ରଧାନ ଲକ୍ଷ୍ୟ ଥିଲା, ଅବକ୍ଷୟମାନ ଓଡ଼ିଆ ଭାଷା ଓ ସାହିତ୍ୟକୁ ପୁନର୍ଜୀବିତ କରି ଘରେ ଘରେ ଆଦୃତ କରାଇବା। ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୯ ବର୍ଷ ପୁରି ୯୦ତମ ବର୍ଷ ଆରମ୍ଭ ହୋଇଛି। ଉତ୍କଳ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଭିତରୁ ଏକ ସ୍ୱତନ୍ତ୍ର ଓଡ଼ିଶାର ସର୍ବାଙ୍ଗୀନ ବିକାଶ କରିବା ଥିଲା ଅନ୍ୟ ଏକ ପ୍ରମୁଖ ଲକ୍ଷ୍ୟ। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ।

## କିଟ୍ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ; ମିଳିଲା ଝୁଲନ୍ତା ମୃତଦେହ

**ଭୁବନେଶ୍ୱର :** ପୁଣି ଜଣେ କିଟ୍ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳର ଏକ ନିର୍ମାଣାଧୀନ କୋଠା ତଳୁ ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଛାତ୍ର ଜଣଙ୍କ ବିଟେକ୍ ତୃତୀୟ ବର୍ଷରେ ପଢୁଥିଲେ। ତାଙ୍କ ନାଁ ଅର୍ଣ୍ଣବ ମୁଖାର୍ଜୀ। ତାଙ୍କ ଘର ପଶ୍ଚିମବଙ୍ଗ ବାଁକୁରାରେ ବୋଲି ଜଣାଯାଇଛି। ଅର୍ଣ୍ଣବ କିଟ୍ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିଲେ। ହଷ୍ଟେଲରୁ ମଞ୍ଚେଶ୍ୱର କାହିଁକି ଆସିଥିଲେ, କିପରି ତାଙ୍କର ମୃତ୍ୟୁ ଘଟିଲା ତାର କାରଣ ଜଣାପଡ଼ିନାହିଁ। ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇଛି। ଏଥିସହ ଅପମୃତ୍ୟୁ ମାମଲା ରୁଜୁ କରି ମଞ୍ଚେଶ୍ୱର ପୋଲିସର ତଦନ୍ତ ଜାରି ରଖିଛି। ଛାତ୍ରଙ୍କ ମୃତ୍ୟୁ ନେଇ କିଟ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନାଯୋଗ୍ୟ, ଫେବ୍ରୁଆରୀ ୧୭ ତାରିଖରେ ହଷ୍ଟେଲ କ୍ୟାମ୍ପସରେ ବି.ଟେକ୍ ତୃତୀୟ ବର୍ଷର ଛାତ୍ରୀ ପ୍ରକୃତି ଲମସାଲଙ୍କ ମୃତଦେହ ମିଳିଥିଲା। ପରେ ଏହି ଘଟଣାକୁ ନେଇ ତମ୍ବିତୋଫାନ ସୃଷ୍ଟି ହୋଇଥିଲା। ଛାତ୍ରୀଙ୍କୁ ନ୍ୟାୟ ଦାବିରେ କଂଗ୍ରେସ ସଂଖ୍ୟାଲଘୁ ସେଲ୍ ପକ୍ଷରୁ କିଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାରେ ସରଜମିନ ତଦନ୍ତ ପାଇଁ ଜାତୀୟ ମାନବାଧିକାର କମିଶନ ଘଏଚଜଉ ନିର୍ଦ୍ଦେଶ ଦେଇଥିଲେ। ଘଏଚଜଉର ଏକ ଟିମ୍ କିଟ୍‌ରେ ପହଞ୍ଚି ତଦନ୍ତ କରିଥିଲେ। ଅନ୍ୟପକ୍ଷରେ ଛାତ୍ରୀଙ୍କ ମୃତଦେହ ମିଳିବାର କିଛି ଘଣ୍ଟା ପରେ ପୋଲିସ ତାଙ୍କ ପ୍ରେମିକ ଇଞ୍ଜିନିୟରିଂ ଛାତ୍ର ଅଭିକ ଶ୍ରୀବାସ୍ତବଙ୍କୁ ଗିରଫ କରିଥିଲା।



## ୩୦ ଓଏଏସ୍‌ଙ୍କୁ ମିଳିଲା ଆଇଏଏସ୍ ପାହ୍ୟା

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ୩୦ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀଙ୍କୁ ଏପ୍ରିଲ ପହିଲାରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ପାହ୍ୟାକୁ ପଦୋନ୍ନତି ମିଳିଛି। ଏସଂକ୍ରାନ୍ତରେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ଅନୁସଚିବ ସଞ୍ଜୟ କୁମାର ଚୌରାସିଆଙ୍କ ବିଜ୍ଞପ୍ତି ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୨୦୨୩ ଜାନୁଆରୀ ପହିଲାରୁ ଡିସେମ୍ବର ମଧ୍ୟରେ ରୀନା ମହାପାତ୍ର, ନିୟତି ପଟ୍ଟନାୟକ, ଡ. ମହେଶ୍ୱର ସ୍ୱାଇଁ, ମୃଣାଳକାନ୍ତି ଦାସ, ଶ୍ରୀକାନ୍ତ ତରାଇ, ବୀରେନ୍ଦ୍ର କୋରକୋରା, ଧରମ ହାଁସଦା, ଲକ୍ଷ୍ମଣ କୁମାର ମଲ୍ଲିକ, ଉପମା କାଲୋ, ପ୍ରଦୀପ କୁମାର ନାୟକ, ମଧୁସୂଦନ ଦାସଲିଲି କୁମାରୀ କୁଲୁ, କବୀନ୍ଦ୍ର କୁମାର ସାହୁ, ଆରାଧନା ଦାସ ଓ ପ୍ରେମଜିତ ନାୟକ ପ୍ରୋଭିଜନାଲି ଆଇଏଏସ୍‌କୁ ପଦୋନ୍ନତି ପାଇଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୪ ଜାନୁଆରୀ ପହିଲାରୁ ଡିସେମ୍ବର ମଧ୍ୟରେ ନିବେଦିତା ମିଶ୍ର, ରେଗା ଗୀତାରାଣୀ ପଟ୍ଟନାୟକ, ଅର୍ଚ୍ଚନା ଦାସ ପଟ୍ଟନାୟକ, ନରହରି ସେଠୀ, ଯୁଗଳେଶ୍ୱରୀ ଦାଶ, ମଧୁମିତା ରଥ, ଦେବାଶିଷ ସିଂହ, ସୁବ୍ରତ କୁମାର ପଣ୍ଡା, ପ୍ରତାପ ଚନ୍ଦ୍ର ହୋତା, ଇନ୍ଦ୍ରମଣି ନାୟକ, ସୁଦାମ ଚରଣ ମଣ୍ଡଳ, ଅଞ୍ଜନା ପଣ୍ଡା, ସ୍ୱୟଂପ୍ରଭା ମହାନ୍ତି,ଗିରୀଶ ଚନ୍ଦ୍ର ସିଂହ ନିବେଦିତା ପୃଷ୍ଟି ପ୍ରମୁଖ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି।

## ଆଜିଠାରୁ ଯୁକ୍ତ ଦୁଇ ଖାତାଦେଖା

- ମେ’ ୧୫ ସୁଦ୍ଧା ପ୍ରକାଶ ପାଇବ ରେଜଲ୍ଟ
- ଏକ ସଙ୍ଗେ ବାହାରିବ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକର ଫଳ



**ଭୁବନେଶ୍ୱର :** ଯୁକ୍ତ ଦୁଇ ପରୀକ୍ଷା ଦେଇଥିବା ଛାତ୍ର ଛାତ୍ରୀଙ୍କ ପାଇଁ ବଡ଼ ଖବର। ମେ ୧୫ ସୁଦ୍ଧା ଚଳିତ ବର୍ଷର ଯୁକ୍ତ ଦୁଇ ପରୀକ୍ଷା ଫଳାଫଳ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ, ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବୁଧବାର ଅର୍ଥାତ୍ ଏପ୍ରିଲ ୨ ଠାରୁ ଆରମ୍ଭ ହେବ ଯୁକ୍ତ ଦୁଇ ଖାତାଦେଖା। ଏନେଇ ସୂଚନା ଦେଇଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ। ପରୀକ୍ଷା ନିୟନ୍ତ୍ରକଙ୍କ ସୂଚନା ଅନୁସାରେ, ଚଳିତ ବର୍ଷ ଏପ୍ରିଲ ୨ ଠାରୁ ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା ଆରମ୍ଭ ହେବ। ମେ ୧୫ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ କରାଯିବ। ଏକ ସଙ୍ଗେ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷା ଫଳ ପ୍ରକାଶ କରାଯିବ। ଏହା ସହ ସେ ଆହୁରି କହିଛନ୍ତି, ଖାତା ଦେଖା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ସୁବିଧା ଦୃଷ୍ଟିରୁ ନିଜ ଜିଲ୍ଲାରେ ହୋଇଥିବା ମୂଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖିବା ପାଇଁ ନିୟୋଜିତ କରାଯାଇଛି। ଖାଲି ସେତିକି ନୁହେଁ ଖରାକୁ ଦୃଷ୍ଟିରେ ରଖି ଦୁଇଟି ସିଫ୍ଟରେ ଖାତା ଦେଖା ହେବ। ଅତ୍ୟଧିକ ଖରା ଓ ମୂଲ୍ୟାଙ୍କନ କେନ୍ଦ୍ରର ଦୂରତା ଯୋଗୁ ଯେପରି କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ଖାତା ଦେଖିବାକୁ ଆସିବା ଅସୁବିଧା ନହେବ ସେଥିପାଇଁ ମୂଲ୍ୟାଙ୍କନ କେନ୍ଦ୍ର ବଢ଼ାଯାଇଛି । ସେ ଆହୁରି କହିଛନ୍ତି ଯଦି କୌଣସି ଭୁଲ ନ ଥାଇ ତ୍ରୁଟିପୂର୍ଣ୍ଣ ଭାବେ କେହି ଛାତ୍ର ମାଲପ୍ରାକ୍ଟିସରେ ବୁକ ହୋଇଥିବେ ତେବେ ସେମାନଙ୍କ ପରୀକ୍ଷା ଫଳ ସାଧାରଣ ପରୀକ୍ଷାର୍ଥୀଙ୍କ ସହ ଏକାସାଙ୍ଗରେ ପ୍ରକାଶ ପାଇବ। କାଉନସିଲ ଦ୍ୱାରା ଗଠିତ ସ୍ୱତନ୍ତ୍ର କମିଟିର ଯାଞ୍ଚରେ ଏହି ଛାତ୍ରୀଛାତ୍ର ନିଜର ପକ୍ଷ ରଖିବାକୁ ସୁଯୋଗ ଦିଆଯିବ ବୋଲି ସୂଚନା ଦେଇଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ। ସୂଚନାଥାଉକି ପ୍ରାୟ ୩ ଲକ୍ଷ ୯୩ ହଜାର ୬୧୬ ପରୀକ୍ଷାର୍ଥୀ ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ଦେଇଛନ୍ତି।

### ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ

## ସ୍ଲାବ୍ ଭୁଶୁଡ଼ି ପଡ଼ିବାରୁ ୧୭ ଜଣଙ୍କ ମୃତ୍ୟୁ



**ନୂଆଦିଲ୍ଲୀ :** ମଙ୍ଗଳବାର ଗୁଜରାଟର ବନାସକାଣ୍ଠା ଜିଲାରେ ଏକ ବାଣ କାରଖାନାରେ ଅଗ୍ନିକାଣ୍ଡ ଘଟି ୧୭ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନ୍ୟ ଚାରି ଜଣ ଆହତ ହୋଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଅଗ୍ନିକାଣ୍ଡ ପରେ ଅନେକ ବିସ୍ଫୋରଣ ହୋଇଥିଲା। ଏହି କାରଣରୁ, ଦୀସା ସହର ନିକଟରେ ଅବସ୍ଥିତ କାରଖାନାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ଭଗ୍ନାବଶେଷ ତଳେ ଅନେକ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି। ଦୀସା ଗ୍ରାମୀଣ ପୋଲିସ ଷ୍ଟେସନର ଇନ୍ସପେକ୍ଟର ବିଜୟ ଚୌଧୁରୀ କହିଛନ୍ତି ଯେ ଦୀସା ପୌରପାଳିକାର ଅଗ୍ନିଶମ କର୍ମଚାରୀମାନେ ଭଗ୍ନାବଶେଷ ତଳେ ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି। ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟରେ କୌଣସି ଶିଥିଳତା ଦେଖାଯାଉନାହିଁ। ପୂର୍ବରୁ, ଜଣେ ଜିଲା ପ୍ରଶାସନ ଅଧିକାରୀ କହିଥିଲେ ଯେ ତିନି ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି। ଅନ୍ୟ ଛଅ ଜଣ ଆହତଙ୍କୁ ଚିକିତ୍ସା ପାଇଁ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବନାସକାଣ୍ଠା କଲେକ୍ଟର ମିହିର ପଟେଲ କହିଛନ୍ତି, ‘ଆଜି ସକାଳେ ଆମେ ଡିସା ଶିଳ୍ପ ଅଞ୍ଚଳରେ ଏକ ବଡ଼ ବିସ୍ଫୋରଣ ସମ୍ପର୍କରେ ସୂଚନା ପାଇଲୁ।’ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳେ ସେ ଘଟଣା ସ୍ଥଳରେ ସାତ ଜଣ ଶ୍ରମିକଙ୍କ ମୃତ୍ୟୁ ବିଷୟରେ କହିଥିଲେ। କିନ୍ତୁ, ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧି ପାଇଛି। ଆହତ ଶ୍ରମିକମାନଙ୍କୁ ବିଭିନ୍ନ ହସ୍ପିଟାଲକୁ ପଠାଯାଇଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ କାରଖାନାର ସ୍ଲାବ୍ ଭୁଶୁଡ଼ି ପଡ଼ିଲା। ଆମେ ଭଗ୍ନାବଶେଷ ତଳେ ଫସି ରହିଥିବା ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ ଏକ ସନ୍ଧାନ ଅଭିଯାନ ଚଳାଇଛୁ।

## ଆଜିଠାରୁ ବଦଳିବ ପାଗ, କମିବ ପାରଦ

**ଭୁବନେଶ୍ୱର,(ନି.ପ୍ର) :** ରାଜ୍ୟରେ ବଦଳିବ ପାଣିପାଗ। ଟ୍ରପ୍ ଲାଇନ ପ୍ରଭାବରେ ଖରା ପରେ ବର୍ଷା ହେବାକୁ ଥିବା ବେଳେ ୫ ତାରିଖ ଯାଏ ରାଜ୍ୟରେ ବର୍ଷା ସମ୍ଭାବନା ଦେଇଛି ପାଣିପାଗ ବିଭାଗ । ୨ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶାର ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ, ଝାରସୁଗୁଡ଼ା, ଦେଓଗଡ଼ ,ବରଗଡ଼ ସମ୍ବଲପୁର, ସୋନପୁର, ବଲାଙ୍ଗୀର, ଅନୁଗୁଳ ସୁବର୍ଣ୍ଣପୁର, ନବରଙ୍ଗପୁର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି ଓ କୋରାପୁଟ.. ଏହି ୧୬ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ବିଜୁଳି ଘଡ଼ଘଡ଼ି ସହ ହାଲୁକା ବର୍ଷା ତା ସାଙ୍ଗକୁ ୪୦ ରୁ ୫୦ କିମି ବେଗରେରେ ପବନ ବହିବାର ସମ୍ଭାବନା ରହିଛି । ୩ ତାରିଖରେ ବର୍ଷାର ପରିମାଣ ବଢ଼ିବା ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ହେବାକୁ ନେଇ ଅରେଞ୍ଜ ଆଲର୍ଟ ଜାରି । ସୁନ୍ଦରଗଡ଼, ଝାରସୁଗୁଡ଼ା ସମ୍ବଲପୁର, କଳାହାଣ୍ଡି, ରାୟଗଡ଼ା, ବୌଦ୍ଧ କୋରାପୁଟ, ନବରଙ୍ଗପୁର, କନ୍ଧମାଳ ଏହି ୯ ଜିଲ୍ଲାକୁ କୁଆପଥର ବର୍ଷା ସହ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।ତାସହ ଏହି ସବୁ ଜିଲ୍ଲାମାନଙ୍କରେ ୫୦ ରୁ ୬୦ ଡିଗ୍ରୀ କିମିରେ ପବନ ବହିବାର ସମ୍ଭାବନା ରହିଛି । ସେହିପରି ବରଗଡ଼, ସୋନପୁର ବଲାଙ୍ଗୀର, ନୂଆପଡା ଓ ମାଲକାନଗିରିରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ୪୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ୪ ତାରିଖରେ ଉପକୂଳ ଓଡ଼ିଶାରେ ବିଜୁଳି ଘଡ଼ଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ୫୦ ରୁ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି ।

### ବୁଲଡୋଜର ଆକ୍ସନକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ୧୦ ଲକ୍ଷ ଲେଖାଏଁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** ଉତ୍ତର ପ୍ରଦେଶ ସମେତ ଦେଶରେ ହୋଇଥିବା ବୁଲଡୋଜର ଆକ୍ସନକୁ ନେଇ କଠୋର ହେଲେ ସୁପ୍ରିମକୋର୍ଟ । ଏହାକୁ ଅସାମ୍ବିଧାନିକ କହିବା ସହିତ ସ୍ଥାନୀୟ ସରକାରଙ୍କ ଉପରେ ବର୍ଷିଛନ୍ତି । ୨୦୨୧ରେ ପ୍ରୟାଗରାଜରେ ବୁଲଡୋଜର ଆକ୍ସନ ହୋଇଥିଲା । ଏହାକୁ ବିରୋଧ କରି ଜଣେ ଆଇନଜୀବୀ, ଜଣେ ପ୍ରଫେସର ଏବଂ ତିନି ଜଣ ମହିଳା ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ଏହାକୁ ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, କୌଣସି ବ୍ୟକ୍ତିଙ୍କ ଘରକୁ ବୁଲଡୋଜର ଲଗାଇ ଧ୍ୱସ୍ତ କରିବା କିମ୍ବା ମନମାନି ପ୍ରକ୍ରିୟା ନାଗରିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ।ସୁପ୍ରିମକୋର୍ଟ କହିଛନ୍ତି, ବୁଲଡୋଜର ଆକ୍ସନ ଆମ ଅନ୍ତରଆତ୍ମାକୁ ଦୋହଲାଇ ଦେଇଛି । ଲୋକଙ୍କର ରାଇଟ୍ ଟୁ ସେଲ୍ଟର ଭଳି କିଛି ଅଧିକାର ରହିଛି । ଏହି ଘଟଣାରେ କୋର୍ଟଙ୍କ ନୋଟିସ୍ ଓ ଅନ୍ୟ ପ୍ରକ୍ରିୟାକୁ ପାଳନ କରାଯାଉନଥିବା କହିଛନ୍ତି ଅଦାଲତ । ଏହା ସହିତ ପ୍ରୟାଗରାଜ ବିକାଶ ପ୍ରାଧିକରଣକୁ କ୍ଷତିପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୫ଜଣ ପୀଡ଼ିତଙ୍କୁ ୧୦ ଲକ୍ଷ ଲେଖାଏଁ ଦେବାକୁ କୁହାଯାଇଛି ।ସୁପ୍ରିମକୋର୍ଟ ଆହୁରି ମଧ୍ୟ କହିଛନ୍ତି, ଯେଉଁ ଭଳି ଭାବେ ଲୋକଙ୍କ ଘରକୁ ଭଙ୍ଗା ଯାଇଛି, ଏହା ଅମାନବୀୟ ଓ ବେଆଇନ । ତେଣୁ ଏଥିପାଇଁ କ୍ଷତିପୂରଣ ନିର୍ଦ୍ଦେଶ ଦିଆଯାଇଛି । ପ୍ରୟାଗରାଜରେ ବୁଲଡୋଜର ଆକ୍ସନ ସମ୍ପୂର୍ଣ୍ଣ ଭାବେ ଅବୈଧ ପ୍ରକ୍ରିୟା, ଏହା ଲୋକଙ୍କ ଆଶ୍ରୟ ଅଧିକାରୀକୁ ଉଲ୍ଲଙ୍ଘନ କରୁଛି । ଏଭଳି କାର୍ଯ୍ୟ ପ୍ରୟାଗରାଜ ବିକାଶ ପ୍ରାଧିକରଣର ଅସମ୍ବେଦନଶୀଳତାକୁ ଦର୍ଶାଉଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ବୁଲଡୋଜର ଆକ୍ସନ ବିରୋଧୀ ଆବେଦନର ଶୁଣାଣି ବେଳେ ଜଷ୍ଟିସ୍ ଉଜ୍ଜଳ ଭୂୟାଁ ୨୪ ମାର୍ଚ୍ଚରେ ୟୁପିର ଆମ୍ବେଦକର ନଗରରେ ହୋଇଥିବା ଘଟଣାକୁ ସାମ୍ନାକୁ ଆଣି କହିଛନ୍ତି, ଅତିକ୍ରମଣ ବିରୋଧୀ ଅଭିଯାନ ସମୟରେ ଗୋଟିଏପଟେ ବସ୍ତି ଭଙ୍ଗା ଯାଇଥିବା ବେଳେ ଅନ୍ୟପଟେ ଏକ ୮ ବର୍ଷର ଛୋଟ ପିଲା ବହି ଧରି ଦୌଡୁଥିଲା । ଏହି ଦୃଶ୍ୟ ସମସ୍ତଙ୍କୁ ଆଘାତ ଦେଇଛି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ସ୍ଥିତି । ଯେଉଁ ଭଳି ଭାବେ ଭଙ୍ଗାରୁଜା କରାଯାଇଛି , ଏଥିରେ ରହୁଥିବା ଲୋକେ ପୁଣି ଥରେ ଘର ଖଣ୍ଡେ କରିବାକୁ ସକ୍ଷମ ନୁହଁନ୍ତି । ପ୍ରୟାଗରାଜ ବିକାଶ ପ୍ରାଧିକରଣ ଆକ୍ସନ ନେବା ପୂର୍ବରୁ ବସ୍ତି ବାସିନ୍ଦାଙ୍କୁ କୌଣସି ପ୍ରକାର ନୋଟିସ୍ ମିଳିନାହିଁ । ଆବେଦନକାରୀ କହିଛନ୍ତି, ୨୦୨୧ରେ ମାର୍ଚ୍ଚ ପହିଲାଙ୍କୁ ସେମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା । ହେଲେ ନୋଟିସ୍ ସେମାନଙ୍କ ନିକଟରେ ମାର୍ଚ୍ଚ ୬ ତାରିଖରେ ପହଞ୍ଚିଲା ଏବଂ ପରଦିନ ଆର୍ଥାତ୍ ମାର୍ଚ୍ଚ ୭ ତାରିଖରେ ବୁଲଡୋଜର ଆକ୍ସନ ହୋଇଥିଲା ।

### ଭାରତ ଆଡ଼କୁ ବନ୍ଧୁତାର ହାତ ବଢାଇଲେ ଚୀନ ରାଷ୍ଟ୍ରପତି

## ଡ୍ରାଗନ୍ ଓ ହାତୀ ଟାଙ୍ଗୋ ପରି ମଜଭୁତ ହେଉ ସମ୍ପର୍କ



**ନୂଆଦିଲ୍ଲୀ :** ଚୀନ ପୁଣି ଥରେ ଭାରତ ଆଡ଼କୁ ବନ୍ଧୁତାର ହାତ ବଢାଇଛି । ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ୍ ମଙ୍ଗଳବାର କହିଛନ୍ତି ଯେ ଚୀନ ଓ ଭାରତ ଅଧିକ ଘନିଷ୍ଠ ହୋଇ କାମ କରିବା ଦରକାର । ଜିନପିଙ୍ଗ କହିଛନ୍ତି ଯେ ଚୀନ ଓ ଭାରତର ସମ୍ପର୍କ ‘ଡ୍ରାଗନ୍-ହାତୀ ଟାଙ୍ଗୋ’ ରୂପେ ନେବା ଦରକାର । ଟାଙ୍ଗୋ ଏହି ଦୁଇ ପ୍ରତୀକାତ୍ମକ ଜୀବଙ୍କ ମଧ୍ୟରେ ଏକ ଚୀନୀ ନୃତ୍ୟ । ଭାରତ ଓ ଚୀନ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୭୫ ବର୍ଷ ପୂରଣ ଅବସରରେ ଚୀନ ରାଷ୍ଟ୍ରପତି ଓ ଭାରତ ରାଷ୍ଟ୍ରପତି ପରସ୍ପରକୁ ଶୁଭେଚ୍ଛା ସନ୍ଦେଶ ପଠାଇଛନ୍ତି । ଏହି ଅବସରରେ ଚୀନ ରାଷ୍ଟ୍ରପତି ନୂଆଦିଲ୍ଲୀ ଓ ବେଜିଂ ସମ୍ପର୍କକୁ ମଜଭୁତ କରିବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି । ରାଷ୍ଟ୍ରପତି ଜିନପିଙ୍ଗ ଭାରତ ଓ ଚୀନ ମଧ୍ୟରେ ସହଭାଗିତା ଉପରେ ଜୋର ଦେଇଛନ୍ତି । ଜିନପିଙ୍ଗ କହିଛନ୍ତି ଯେ ଦୁଇ ଦେଶ ପ୍ରମୁଖ ଅନ୍ତରାଷ୍ଟ୍ରୀୟ ମାମଲାରେ ବୁଝାମଣାକୁ ଆହୁରି ଆଗକୁ ନେବା ଓ ସୀମାବର୍ତ୍ତୀ କ୍ଷେତ୍ରରେ ଶାନ୍ତି ବଜାୟ ରଖିବା ପାଇଁ କାମ କରିବାର ଆବଶ୍ୟକତା ରହିଛି । ସେପଟେ ଚୀନ ପ୍ରଧାନମନ୍ତ୍ରୀ ଲି କିୟାଙ୍ଗ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବାର୍ତ୍ତା ଆଦାନ-ପ୍ରଦାନ କରିଛନ୍ତି ।ଦୁଇ ଦେଶ ନିଜ ନେତାଙ୍କ ପାରସ୍ପରିକ ସହମତିକୁ ସକ୍ରିୟ ରୂପେ ଲାଗୁ କରୁଛନ୍ତି ଓ ସକାରାତ୍ମକ ପରିଣାମ ସହ କାମ କରୁଛନ୍ତି । ସୀମା କ୍ଷେତ୍ରରେ ଶାନ୍ତି ବଜାୟ ରଖିବା, ଅନ୍ତରାଷ୍ଟ୍ରୀୟ ମାମଲାରେ ଆଲୋଚନା ବଢାଇବା ଓ ଦୁଇ ଦେଶର ସମ୍ପର୍କର ସ୍ଥିର ବିକାଶକୁ ସୁନିଶ୍ଚିତ କରିବା ମହତ୍ୱ ଉପରେ ଜୋର ଦେଇଛନ୍ତି । ଚୀନ ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ଗୁଓ ଏହି ଅବସରରେ ଉପଯୋଗୀ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ନେଇ ଦୁଇ ଦେଶର ଇଚ୍ଛାକୁ ସେ ସ୍ପଷ୍ଟ କରିଛନ୍ତି । ଭାରତ ଓ ଚୀନ ଗତ ବର୍ଷ ଆଲୋଚନା କରିବା ପରେ ଏକ ବୁଝାମଣା ଅନୁସାରେ ପୂର୍ବ ଲଦାଖର ଶେଷ ଦୁଇ ବିବାଦୀୟ ସ୍ଥାନ, ଦେପସାଙ୍ଗ ଓ ଡେମଚୋକରୁ ସୈନ୍ୟ ଅପସାରଣ ସୁନିଶ୍ଚିତ କରିଥିଲେ । ଯାହାପରେ ୪ ବର୍ଷ ଧରି ଚାଲିଥିବା ଉତ୍ତେଜନା ହ୍ରାସ ପାଇଥିଲା । ବୁଝାମଣାକୁ ଚୂଡାନ୍ତ ରୂପ ଦେବା ପରେ ପ୍ରଧାନନ୍ତ୍ରୀ ମୋଦୀ ଓ ସି ଅକ୍ଟୋବର ୨୩ରେ କଜାନରେ କଥାବର୍ତ୍ତା ହୋଇଥିଲେ ।

# ଭାଟସାହିରେ ପାନୀୟ ଜଳ ସଙ୍କଟ

## ଲୋକେ ପାଣି ପାଇଁ ହାହାକାର

**ନୟାଗଡ଼,(ନି.ପ୍ର) :** ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ହରିପୁର ପଂଚାୟତର ଭାଟସାହି ଗ୍ରାମବାସୀ ହାରାହାରି (୨୦୦) ପରିବାର (୮୦୦) ଲୋକ ବିଶୁଦ୍ଧ ପାଣି ଗରାଏ ପାଇଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ସୁଚନା ମୁତାବକ ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଂଚଳ ରେ ବିକାଶ ସହିତ ଲୋକଙ୍କୁ ସୁବିଧାରେ ରଖିବା ଓ ବିଶୁଦ୍ଧ ପାଣି ଯୋଗାଇବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ତଥା ବସୁଧା ଯୋଜନା ମାଧ୍ୟମରେ ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଇଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏମିତିକି ପ୍ରତ୍ୟେକ ଗାଁ ମୁଣ୍ଡରେ ଷ୍ଟିଲ ରେ ନିର୍ମିତ ବସୁଧା ଯୋଜନା ର ସୁଫଳ ନାମ ଫଳକ ଲଗା ଯାଇଛି । କିନ୍ତୁ ପ୍ରାଣୀ ସମସ୍ୟା ସମାଧାନ ହୋଇପାରୁନାହିଁ । ଲୋକଙ୍କୁ ଭରସା ମହାନଦୀ ପାଣି । ଏହିପରି ଅଭିଯୋଗ ଆସିଛି ନୂଆଗାଁ ବ୍ଲକ ଅନ୍ତର୍ଗତ ହରିହର ପଂଚାୟତର ହାଟସାହି ଗ୍ରାମବାସୀ (୨୦୦) ରୁ ଉର୍ଦ୍ଧ ପରିବାର ସହିତ (୮୦୦) ରୁ ଉର୍ଦ୍ଧ ଲୋକଙ୍କ ପାଇଁ (୮) ଟି ନଳକୂପ (୪) ଟି ବୋରେଓଲେ ପମ୍ପା ହାଉସ ଟ୍ୟାପ ପାଇପ ପଡ଼ିଥିଲେ ମଧ୍ୟ କିନ୍ତୁ ପାଣି ସମସ୍ୟା ସମାଧାନ ହୋଇପାରୁନାହିଁ । ଫଳରେ



ନିକଟସ୍ଥ ପୋଖରୀ ନଚେତ୍ ଫ୍ଲୁରାଇଟ ପାଣି ନଳକୂପ ରୁ ବାଧ୍ୟ ହୋଇ ବେବହାର କରୁଛନ୍ତି । ପଂଚାୟତର ମାତ୍ରାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ସୁଫଳ ପାଇ ପାରିନାହାନ୍ତି କି ବିକଳ୍ପ ଚିନ୍ତା ନ କରି ଟଙ୍କା ଖର୍ଚ୍ଚ କରିବାକୁ ଅଞ୍ଚଳବାସୀ ସମାଲୋଚନା କରିଛନ୍ତି । ଏହି ବିଷୟରେ ସ୍ଥାନୀୟ ସରପଂଚ ଜିତେନ୍ଦ୍ର ଖଟୁଆ ଙ୍କ ମତାମତ ନେଇଥିଲୁ ସେ କହିଛନ୍ତି ଏତେ ବୋରେଓଲ ଖୋଳାହେଲା ପାଣି ପଡୁନାହିଁ କ'ଣ କରିବୁ ମହାନଦୀ ପାଣି ହି ଭରସା । ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାପାଇଁ ଦାବି ହୋଇଛି । ଦେଖିବାକୁ ବାକି ରହିଲା କେବେ ମିଳୁଛି ଲୋକଙ୍କୁ ବିଶୁଦ୍ଧ ପାଣି ।

# ଅଭିଯୋଗ ପରେବି ହୋଇ ପାରୁନି ରାସ୍ତା ଓ ପାନୀୟ ଜଳର ବ୍ୟବସ୍ଥା

**ଲାଞ୍ଜିଗଡ଼,(ନି.ପ୍ର) :** ସରକାରଙ୍କ ମାଳ ମାଳ ଯୋଜନା ପରେବି ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି । ଏପଟେ ଉଭୟ ସରକାର କହୁଛି । ଆଦିବାସୀଙ୍କ ଜୀବନଧାରାରେ ବଡ଼ ପରିବର୍ତ୍ତନ ଆସିଛି । କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ, ଏବେ ବି ଏମିତି ଗାଁରହିଛି ଚାଲିବା ପାଇଁ ରାସ୍ତା ନାହିଁ ଓ ପିଇବା ପାଇଁ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନାହିଁ । ଏହି ଭଳି ସରକାରଙ୍କ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତର ପତର ପଡ଼ା । ଏହି ପଡ଼ା ପଞ୍ଚାୟତ ଠାରୁ ମାତ୍ର ଦୁଇ ଶହ ମିଟର ଥିବା ବେଳେ ଏବେ ଯାଏଁ ଏମାନଙ୍କୁ ବୁନ୍ଦାଏ ଶୁଦ୍ଧ ପାନୀୟ ଜଳ ମିଳି ପାରୁନିକି ଭଲ ରାସ୍ତା ଖଣ୍ଡିଏ ମିଳି ପାରୁନି ବୋଲି ଅଭିଯୋଗ ଆଣିଛନ୍ତି । ସୂଚନା ମତେ ଏହି ଗାଁରେ ହାରାହାରି ୪୦ ବର୍ଷ ହେଲା



୧୬ ଆଦିବାସୀ ପରିବାର ବସବାସ କରୁଛନ୍ତି କିନ୍ତୁ ଏଠାକାର ମୁଖ୍ୟ ସମସ୍ୟା ହେଉଛି ଗମନା ଗମନ ଓ ପାନୀୟ ଜଳ । ଏହି ଗାଁ କୁ ଯିବାକୁ ହେଲେ ଭଲ ରାସ୍ତା ନଥିବାରୁ ପାଦ ଚଲା ରାସ୍ତା ଯୋଗୁଁ ଗ୍ରାମବାସୀ ନାନାଦି ଅସୁବିଧା ଭୋଗିଥାନ୍ତି । ଖରା ଦିନେ କଷ୍ଟେ ମଷ୍ଟେ ଗାଁକୁ ମଟର ସାଇକେଲ ଯାଉଛି । ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁନ ଥିବାରୁ ଗର୍ଭବତୀଙ୍କୁ ଖଟିଆରେ ଲାଖବାହାଲି ଗାଁ ପର୍ଯ୍ୟନ୍ତ ବୋହି କି ମୁଖ୍ୟ ରାସ୍ତା ନେବାକୁ ପଡିଥାଏ କିନ୍ତୁ ବର୍ଷା ଦିନେ କାଦୁଅ ରାସ୍ତା ଯୋଗୁଁ ବର୍ଷା ୪ ମାସ ଅନେକ କଷ୍ଟ ଭୋଗୁଛୁ ବୋଲି ଗାଁ ଲୋକେ ପ୍ରକାଶ କରିଛନ୍ତି । ରାସ୍ତା ଓ ପାନୀୟ ଜଳ ପାଇଁ ପଞ୍ଚାୟତ, ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି ।ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ଏହି ଗାଁ ରାସ୍ତା ଓ ପାଣି ପାଇଁ ମୁଁ ପ୍ରପୋଜାଲ ଦେଇ ସାରିଛି କିଛି ମାସ ଭିତରେ ନିଶ୍ଚିତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ତେବେ ଏହି ଗାଁ ପ୍ରତି ବ୍ଲକ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ମାଳି ମାଝୀ, ବନ ମାଝୀ, ଘାଷି ମାଝୀ, ଡମେ ମାଝୀ, ବିଗ୍ନ ମାଝୀ, ଜୟମଳ ମାଝୀ, ସୁଦ ମାଝୀ, ସମିତ୍ର ମାଝୀ ଫୁଲ ମାଝୀ ସମେତ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଉତ୍କଳ ଦିବସ



**ନୂଆଗାଁ ବ୍ଲକ,(ନି.ପ୍ର) :** ନୂଆଗାଁ ବ୍ଲକ ଅନ୍ତର୍ଗତ ଚାହାଳି ଗ୍ରାମ ପଞ୍ଚାୟତ ରେ ଅବସ୍ଥିତ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଉତ୍କଳ ଦିବସ ପାଳନ କରାଯାଇଅଛି । ବିଦ୍ୟାଳୟ ମଧ୍ୟରେ ଅବସ୍ଥିତ ମହାପୁରୁଷ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବିଦ୍ୟାଳୟ ର ପ୍ରଧାନଶିକ୍ଷକ ନିରଞ୍ଜନ ଦାସ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉତ୍କଳ ଦିବସ ସମ୍ବନ୍ଧରେ ଆଲୋଚନା ସଭା ଅନଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟ ର ଶିକ୍ଷକ ଶତ୍ରୁଘ୍ନ ପ୍ରଧାନ, ସତ୍ୟ ନାରାୟଣ ସାହୁ, ଲକ୍ଷ୍ମୀଧର ସାହୁ,ମନୋଜ କୁମାର ପଣ୍ଡା,କବିତା ବେହେରା, ବିପ୍ଲବ ସାହୁ, ହୃଷୀକେଶ ସାହୁ,ଅକ୍ରୁର ବେହେରା,ମଞ୍ଜୁଳା ବିଷୋୟୀ , ଅଖିଳନାଥ ବେହେରା ଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ବେହେରା ଏହାକୁ ପରିଞ୍ଚାଳନା କରିଥଲେ ।

# ସରସ୍ୱତି ବେଶରେ ଦର୍ଶନ ଦେଲେ ଦୁଇ ଭଉଣୀ ତାରା ତାରିଣୀ


**ପୁରୁଷୋତ୍ତମପୁର,(ନି.ପ୍ର) :** ଗଞ୍ଜାମ ଜିଲ୍ଲାର ରତ୍ନଗିରି ପାହାଡ଼ ଉପରେ ବିରାଜମାନ ପ୍ରସିଦ୍ଧ ଶକ୍ତି ପୀଠ ଇଷ୍ଟଦେବୀ ରୂପେ ଖ୍ୟାତି ଅର୍ଜନ କରିଥିବା ମା ତାରାତାରିଣୀଙ୍କ ତୃତୀୟ ପାଳି ଚୈତ୍ର ମଙ୍ଗଳବାର ରତ୍ନଗିରି ପାହାଡ଼ ଚତୁପାର୍ଶ୍ୱ ଲୋକାରଣ୍ୟ ହୋଇଉଠିଛି । ଫୁଲ ଓ ଆଲୋକ ରେ ମନ୍ଦିର ଶୋଭା ବର୍ଦ୍ଧନ କରୁଛି ରାତ୍ର ୧୨:୩୦ରୁ ଦ୍ୱାର ଫିଟା ଯାଇ ରୀତିନୀତି ଅନୁସାରେ ମଙ୍ଗଳ ଆଳତି, ଅବକାଶ, ମାର୍ଜନା, ସିଙ୍ଗାର, ଅଭିଷେକ ସବୁ ନିତିକାନ୍ତିରେ ପୂଜାର୍ଚ୍ଚନା କରାଯାଇ ସେବକମାନେ ମା ତାରାତାରିଣୀଙ୍କୁ ସରସ୍ୱତୀ ବେଶରେ ସଜ୍ଜିତ କରି ଭୋର୍ ତିନିଟା ରେ ସାହାଣ ମେଳା ହୋଇଥିଲା । ମା ସମସ୍ତ ଭକ୍ତଙ୍କୁ ସରସ୍ୱତୀ ବେଶରେ ଦର୍ଶନ ଦେଲେ । ରାତ୍ର ୧୨:୩୦ ରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା । ପୁରା ପାହାଡ଼ ଲୋକାରଣ୍ୟ ହୋଇଥିଲାଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା ଭକ୍ତ ମାନେ । ମାଙ୍କୁ ଦର୍ଶନ କରିବା ପାଇଁ କିଏ ଚାଲି ଚାଲି ପାହାଚ



ଉଠି ଦର୍ଶନ କରନ୍ତି ତ କିଏ ବସ ରେ ଆଉ କିଏ ରୋପ ୱେ ମାଧ୍ୟମ ରେ ଦର୍ଶନ କରନ୍ତି । ଗରମ ଓ ଖରା ଦାଉରୁ ରକ୍ଷା ପାଇବା ପାଇଁ ପ୍ରଶାସନଙ୍କ ତରଫରୁ ପାନୀୟ ଜଳର ସୁବିଧା କରାଯାଇଛି । ପ୍ରତ୍ୟେକ ଭକ୍ତ ଶାନ୍ତି ଶୃଙ୍ଖଳାର ସହ ଦର୍ଶନ ପାଇଁ ବିଭିନ୍ନ ଜାଗାରୁ ଆସିଥିବା ସ୍ୱେଚ୍ଛାସେବୀ ଭାଇମାନେ ସହଯୋଗ କରନ୍ତି । ଅପ୍ରୀତିକର ପରିସ୍ଥିତି ଆଇନ ଶୃଙ୍ଖଳା ପାଇଁ ସାଧା ପୋଷାକରେ ପୋଲିସ କର୍ମଚାରୀମାନଙ୍କୁ ବିଭିନ୍ନ ସ୍ଥାନରେ ମୃତାୟନ କରାଯାଇଛିଗଞ୍ଜାମ ଉପ ଜିଲ୍ଲା ପାଳ ଶୁଭାଶିଷ ବରାଳ । ପୁରୁଷୋତ୍ତମପୁର ଝଉଚଢ଼ ଦୀପକ କୁମାର ମିଶ୍ର, ଆଇଆଇସି ରାଜେଶ କୁମାର ନାୟକ, ଦେବୋତ୍ତର ବିଭାଗୀୟ ଛତ୍ରପୁର ସାର୍କିଲ ବିଭାଗୀୟ ଇନିସ୍ପେକ୍ଟର ପୁଷ୍ପିତ ବେହେରା, ବିଡ଼ିଓ ଶରତ କୁମାର ପାତ୍ର, ତହସିଲଦାର ଘଇଉ ନିର୍ବାହୀ ଅଧିକାରୀ ଗୋବିନ୍ଦ ଜନସେନା, ମନ୍ଦିର ନିର୍ବାହୀ ଅଧିକାରୀ ବି.କେ ରେଡ୍ଡି ଓ ପ୍ରଶାସନିକ ଅଧିକାରୀମାନେ ରହି ଯାତ୍ରା ପରିଚାଳନା କରିଥିଲେ । ସେବାୟତ ସଂଘର ସଭାପତି ତପନ କୁମାର ରଣା, ବାପୁଜୀ ରଣା, ଧ୍ରୁବ ରଣା ଭୋଳା ରଣା ଓ ସମସ୍ତ ସେବାୟତ ପୂଜାର୍ଚ୍ଚନା କରୁଛନ୍ତି ।


# ପତ୍ରପଡ଼ାରେ ମା' ବାୟାଣୀଙ୍କ ବାର୍ଷିକ ଉତ୍ସବ

**ଛେଣ୍ଡିପଦା,(ନି.ପ୍ର) :** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ପାତ୍ରପଡା ର ଅଧିଷ୍ଠାତ୍ରୀ ଦେବୀ ମା ବାୟାଣିଙ୍କ ବାର୍ଷିକ ପୂଜା ଆଜି ପାରମ୍ପାରିକ ନୀତିରେ ପାଳିତ ହୋଇ ଯାଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳ ରୁ ୭୦ ହଜାର ରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା । ପ୍ରତି ବର୍ଷ ଭଳି ମା ବାୟାଣୀ ଙ୍କ ପୂଜା ବହୁ ଧୁମ୍ ଧାମରେ ପାଳନ କରାଯାଇଛି । ଏହି ଉପଲକ୍ଷେ ଗତ କାଲି ଅଞ୍ଚଳ ର ପୁରୁଷ ଓ ମହିଳା ମାନଙ୍କୁ ନେଇ କଳସ ଯାତ୍ରା ଅନୁଷ୍ଠିତ ହୋଇ ଥିଲା । ଯାତ୍ରା ରେ ମୀନା ବଜାର ସମେତ ଅନେକ ଉଠା ଦୋକାନ ବସିଥିବା ବେଳେ ଲୋକ ମାନଙ୍କ କିଣା କିଣି ରେ ଗହଳି ଲାଗିଥିବା ଦେଖିବାକୁ ମିଳିଥିଲା । ଶୈଳ ଭାମା ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ କମିଟି ପକ୍ଷରୁ ଭକ୍ତ ମାନଙ୍କ ପାଇଁ ଅନ୍ନ ପ୍ରସାଦ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । ନିକଟରେ ଥିବା ପାର୍କ , ଜଗନ୍ନାଥ ମନ୍ଦିର ଓ ବାଘ ଦରି ମଠ ରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା କ୍ଷ ବାଗଡ଼ିଆ ଥାନା ଓ ଛେଣ୍ଡିପଦା ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।



## ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ଭାବେ ସମ୍ମାନିତ ହେଲେ ଶୁଭ୍ରଜିତ୍ ସାମନ୍ତରାୟ

**ବ୍ରହ୍ମପୁର,(ନି.ପ୍ର) :** ଆଜି ପବିତ୍ର ଉତ୍କଳ ଦିବସ ଅବସରରେ ପାଳିତ ହୋଇଛି ନବେତମ ପୋଲିସ୍ ପ୍ରତିଷ୍ଠା ଦିବସ ଓ ଏହି ଅବସରରେ ଗଂଜାମ ଜିଲ୍ଲା ଛତ୍ରପୁର ଠାରେ ଅନୁଷ୍ଠିତ ପୋଲିସ୍ ପ୍ରତିଷ୍ଠା ଦିବସରେ ଗଞ୍ଜାମ ଜିଲ୍ଲାର ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର୍ ଭାବେ ସମ୍ମାନିତ ହୋଇଛନ୍ତି ରମ୍ଭା ଥାନା ଅନ୍ତର୍ଗତ ହୁମ୍ମା ଆଉଟ୍ ପୋଷ୍ଟ୍ ର ଭାରପ୍ରାପ୍ତ ଫାଣ୍ଡି ଅଧିକାରୀ ଶୁଭ୍ରଜିତ୍ ସାମନ୍ତରାୟ ଓ ଆଇନ୍ ଶୃଙ୍ଖଳା କ୍ଷେତ୍ରରେ ଶ୍ରୀ ସାମନ୍ତରାୟଙ୍କ ପାରଦର୍ଶିତା,ପୂର୍ବରୁ ରହିଥିବା କାର୍ଯ୍ୟ ଦକ୍ଷତା ଭିତ୍ତିକରି ଏବଂ ପୂର୍ବରୁ ହାସଲ କରିଥିବା ବହୁ ସମ୍ମାନକୁ ଭିତ୍ତି କରି ତାଙ୍କୁ ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ସମ୍ମାନ ପ୍ରଦାନ କରାଯାଇଛି ଓ ଶୁଭ୍ରଜିତ ଛତ୍ରପୁର ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଉତ୍ସବରେ ଉପସ୍ଥିତ ରହି ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଠାରୁ ଏହି ସମ୍ମାନ ହାସଲ କରିଥିଲେ ଓ ସମ୍ମାନ ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।



# ୬୪ ବାଟାଲିୟନ ସିଆର ପି ଏଫ୍ ତରଫରୁ ସିଭିଲ ଆକ୍ସନ ପ୍ରୋଗ୍ରାମ ଅନୁଷ୍ଠିତ

**କଳାହାଣ୍ଡି,(ନି.ପ୍ର) :** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନକଟିକାନୀ ଗ୍ରାମପଞ୍ଚାୟତ ଅଧୀନରେ ଥିବା ଝୁଲେନବର ପତିଆଲ ପଡା ନାଗେଶ ପାହାଡ଼ ରେ ଅବସ୍ଥିତ ୬୪ ବାଟାଲିୟନ ସିଆର ପି ଏଫ୍ କ୍ୟାମ୍ପରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟ ସଦସ୍ୟା ମାନଙ୍କୁ ନେଇ ସିଭିଲ ଆକ୍ସନ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା,ଏହି କାର୍ଯ୍ୟକ୍ରମ ୬୪ ବାଟାଲିୟନ ସିଆର ପି ଏଫ୍ ଯବାନଙ୍କ କମାଣ୍ଡୋ ସଞ୍ଜୟ ମୁଦୁଲୀ ଙ୍କ ନେତୃତ୍ୱରେ ଆୟୋଜନ ହୋଇଥିବାବେଳେ ଉକ୍ତ ସମାବେଶ ର ମୁଖ୍ୟ ଅତିଥି ୨ ଆଇସି-ପି.କେ ମିଶ୍ର ଯୋଗଦାନ ଦେଇଥିଲେ, ଏବଂ ନକଟିକାନୀ ଗ୍ରାମପଞ୍ଚାୟତ ର ସରପଞ୍ଚ ସୁଶ୍ରୀ ସାବିତ୍ରୀ ମାଝୀ ସମ୍ମାନିତ ଅଥିତି ଭାବେ ଯୋଗଦାନ କରିଥିଲେ,ବିଭିନ୍ନ ବାଦ୍ୟ ଯନ୍ତ୍ର ସହ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ବୃନ୍ଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସମାବେଶ ଅତି ଆକର୍ଷଣୀୟ ହୋଇଥିଲା,ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଗୀତ ନୃତ୍ୟ କଳା ସଂସ୍କୃତିକ



ପ୍ରତିଯୋଗିତା କାର୍ଯ୍ୟକ୍ରମ ମଧ୍ୟ ସୁନ୍ଦର ଭାବରେ ପରିବେଷଣ ହୋଇଥିଲା,ଏହି ତାଲିମ ଶିବିର ରେ ନକଟିକାନୀ ଗ୍ରାମପଞ୍ଚାୟତ ଅଧୀନରେ ଥିବା ଝୁଲେନବର, ପାତିଆଲପଡା, ଗୁଦୁଗୁଘୁମା ନକଟିକାନୀ ଅମୁର୍ଲାପଦର, ଆନ୍ତର୍ଲା ସମେତ ଅନେକ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଓ ପୁରୁଷ ଯୋଗଦାନ କରିଥିବାବେଳେ କମାଣ୍ଡୋ ଶ୍ରୀଯୁକ୍ତ ସଞ୍ଜୟ ମୁଦୁଲୀ ସ୍ୱୟଂ ସହାୟିକା ଗୋଷ୍ଠୀ କିପରି ରୋଜଗାର କରି ସ୍ୱାବଲମ୍ବୀ ହେବେ ସେହି ଦିଗରେ ପୁଙ୍ଖାନୁ ପୁଙ୍ଖ ଭାବରେ ତାଲିମ ପ୍ରଦାନ କରିଥିଲେ, ପରବର୍ତ୍ତୀ ସମୟରେ ସରପଞ୍ଚ ସୁଶ୍ରୀ ସାବିତ୍ରୀ ମାଝୀ ଙ୍କ ନିଷ୍ପତ୍ତି କ୍ରମେ ଝୁଲେନ୍ବର ଗ୍ରାମର ଲଙ୍କେଶ୍ୱରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କୁ ଧୂପକାଠି ତିଆରି କରିବା ମେସିନ ପ୍ରଦାନ କରିଥିଲେ ଏବଂ ପାତିଆଲପଡା ଗ୍ରାମର ସୁଭଦ୍ରା ମହିଳା ସ୍ୱୟଂ ସହାୟିକା ଦଳ କୁ କାଗଜ ଖଲି ଦନା ମେସିନ ଏବଂ ପାତିଆଲପଡା ଗ୍ରାମର ତାରିଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କୁ ଛତୁ ଚାଷ କରିବା ପାଇଁ ଛତୁ ବିହନ ପ୍ରଦାନ କରାଯାଇଥିଲା, ଏବଂ କିପରି ଖଲି ଦନା ତିଆରି କରିବେ ତଥା ଦଧୁପକାଠି କି ପରି ତିଆରି କରାଯିବ ତାହା ଉପରେ ତାଲିମ ଦିଆଯାଇଥିଲା,ଶେଷରେ ସମସ୍ତଙ୍କ ପାଇଁ ଖାଦ୍ୟ ପେୟ ର ବ୍ୟବସ୍ଥା ଥିବା ବେଳେ ସମସ୍ତେ ଭୋଜନ କରିଥିଲେ,ଏହି କାର୍ଯ୍ୟକ୍ରମ କୁ ଅଞ୍ଚଳର ଜନସାଧାରଣ ବେଶ ପ୍ରଶଂସା କରୁଛନ୍ତି ।

# ଓଡିଶା ଦିବସ ପାଳିତ

**ଶେରଗଡ,(ନି.ପ୍ର) :** ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନକୁ ୮୯ ବର୍ଷ ହୋଇଯାଇଥିଲେ ମଧ୍ୟ ଏବେ ଓଡିଶା ସେତେ ସମୃଦ୍ଧ ହୋଇ ପାରିନଥିବା ବେଳେ ଓଡିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଦିନକୁ ଦିନ ବିପଦ ଆଡକୁ ଗତି କରୁଛି । ଓଡିଶା ବାସୀ ଭାଷାକୁ ଅଧିକ ଗୁରୁତ୍ୱ ନଦେଇ ଅନ୍ୟ ଭାଷା ପ୍ରିତୀ ହେଉଥିବାରୁ ବିଭିନ୍ନ ଦିଗରେ ଓଡିଆ ଭାଷା ଅବହେଳିତ ହେଉଥିବା ଦେଖାଯାଉଛି । ଏକ ବିକାଶଶୀଳ ଓଡିଶା ଗଠନ ସହିତ ଓଡିଆ ଭାଷାକୁ ସମୃଦ୍ଧିଶାଳୀ କରିବାକୁ ହେଲେ ପ୍ରତ୍ୟେକ ଓଡିଆ ମାନଙ୍କ ଉତ୍ସର୍ଗୀକୃତ ମନୋଭାବ ର ଆବଶ୍ୟକତା ଜରୁରୀ ହୋଇପଡିଛି ବୋଲି ଉତ୍କଳ ଦିବସ ପାଳନ ଅବସରରେ ସୋରଡା ର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ଉପସ୍ଥିତ ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି । ଶେରଗଡ ଚାରି ଛକ ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ରେ ସ୍ଥାନୀୟ ବିଧାୟକ ଙ୍କ ପ୍ରତିନିଧି ଦିଗାମ୍ବର ନାହାକ ଙ୍କ ପୌରୋହିତ୍ୟରେ ପ୍ରଥମେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରି ଉତ୍କଳ ଦିବସ ପାଳନ କରାଯାଇଥିଲା । ପରେ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ରେ ପହଞ୍ଚି ବରପୁତ୍ର ମାନଙ୍କୁ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଉତ୍କଳ ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତ ପାତ୍ର,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ଠୁରୁବୁରାଇ ସରପଞ୍ଚ ପ୍ରଭାତ ଆଚାରୀ, ବରିଷ୍ଠ ସାମ୍ବାଦିକ ତଥା ଶେରଗଡ ର ପୂର୍ବତନ ସରପଞ୍ଚ ମେଘନାଦ ଦାସ,ବରିଷ୍ଠ ଶିକ୍ଷାବିତ ତଥା ପୂର୍ବତନ ସରପଞ୍ଚ ସିମାଞ୍ଚଳ ପ୍ରଧାନ, ବ୍ଲକ ଉପାଧକ୍ଷା ଙ୍କ ପ୍ରତିନିଧି କାହ୍ନୁଚରଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବରପୁତ୍ର ମାନଙ୍କ ସମ୍ପର୍କରେ ଛାତ୍ରଛାତ୍ରୀ ଙ୍କୁ ଅବଗତ କରାଇ ସେମାନଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ ।



# ଡାକ୍ତର . ଦେବେନ୍ଦ୍ର ପ୍ରଧାନ ଜଣେ ବ୍ୟକ୍ତି ନ ଥିଲେ, ଥିଲେ ଏକ ଅନୁଷ୍ଠାନ : ସମ୍ପଦ ଚନ୍ଦ୍ର ସ୍ୱାଇଁ

**ପାରାଦୀପ,(ନି.ପ୍ର) :** ଓଡିଶା ରେ ଭାରତୀୟ ଜନତା ପାର୍ଟି ର ଉତଥାନ ପାଇଁ ଯେଉଁ କେତେଜଣ ପ୍ରମୁଖ ଭୂମିକା ଗ୍ରହ ଣ କରିଥିଲେ, ସେମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନ ଥିଲେ ଅଗ୍ରଗଣ୍ୟ ବୋଲି ସୋମବାର ଦିନ ଅଟଳ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ପାରାଦ୍ୱୀପ ଜୟଦେବ ସଦନ ପରିସରରେ ଅନୁଷ୍ଠିତ ହୋଇଥିବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନ ଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ପାରାଦ୍ୱୀପ ବିଧାୟକ ତଥା ଓଡିଶା ସରକାର ଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ।ବୃତ୍ତିରେ ଜଣେ ଡାକ୍ତର ହୋଇଥିଲେ ସୁଦ୍ଧା ରାଜନୈତିକ ଆକାଂକ୍ଷା ତାଙ୍କୁ ନିର୍ବାଚନ ରଣ କ୍ଷେତ୍ରକୁ ତାଙ୍କୁ ଟାଣିଆଣିଥିଲା । ଚିକିତ୍ସା ସେବାରୁ ରାଜନୀତି କୁ ଆସି ସେ ବିଜେପି ର ସଂଗଠନ କୁ ରାଜ୍ୟରେ ଦୃଢ କରିପାରିଥିଲେ । ତୃଣମୂଳ ସ୍ତରରେ ସେ ପରିଚିତ ଥିଲେ ଓ ସାଧାରଣ ଲୋକଙ୍କ ସହ ତାଙ୍କର ନିବିଡ଼ ସମ୍ପର୍କ ଥିଲା । ଦଳୀୟ ସଂଗଠନ ଓ ସାଧାରଣ




ଜନତାଙ୍କ ପ୍ରତି ଏକ ସମର୍ପିତ ପ୍ରାଣ ସ୍ୱର୍ଗତ ପ୍ରଧାନ ୮୩ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କଲେ । ପଛରେ ଛାଡ଼ିଗଲେ ଏକ ଉଚ୍ଚ ଆଦର୍ଶ ଓ ସମାଜ ପ୍ରତି ଥିବା ପ୍ରତିବଦ୍ଧତା ଯାହା ତାଙ୍କୁ ଜନ ମାନସରେ ଅମର କରି ରଖିବା ସହ ତାଙ୍କର ଅନୁଗାମୀ ମାନଙ୍କୁ ସର୍ବଦା ସମାଜ କଲ୍ୟାଣ ନିମନ୍ତେ ଉଦବୁଦ୍ଧ କରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଡା. ଦେବେନ୍ଦ୍ର ପ୍ରଧାନ ଜଣେ ବ୍ୟକ୍ତି ନ ଥିଲେ, ଥିଲେ ଏକ ଅନୁଷ୍ଠାନ ବୋଲି ଶ୍ରୀ ସ୍ୱାଇଁ କହିବା ସହ ତାଙ୍କର ପରିକଳ୍ପନା କୁ ଆମେ ସାକାର କରି ପାରିଲେ ସେଦିନ ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ । ସଂମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ତଥା ପାରାଦ୍ୱୀପ ବନ୍ଦର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର, ଡା. ଦେବେନ୍ଦ୍ର ପ୍ରଧାନ ଙ୍କ ସହ ଅନ୍ତରଙ୍ଗ ଅଭୁଲା ମୁହୂର୍ତ୍ତକଥା କହିଥିଲେ । ବିରାଟ ମହିରୂହ ପରି ଡା. ପ୍ରଧାନ ସମସ୍ତଙ୍କୁ ଆଶ୍ରୟ ଦେଇଥିଲେ । ତାଙ୍କର କେହି ପର ନ ଥିଲେ । ସମସ୍ତେ ଥିଲେ ତାଙ୍କର ନିଜର । ବୃତ୍ତି ସହିତ ବେଇମାନି ନ କରି ଓଡିଶାର ଜନତାଙ୍କ ପାଇଁ ସେ ଥିଲେ ସେବା ଓ ଦୟାର ଅବତାର ବୋଲି ଶ୍ରୀ ମିଶ୍ର କହିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପାରାଦ୍ୱୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ତଥା ପାରାଦ୍ୱୀପ ବନ୍ଦର ର ପୂର୍ବତନ ଟ୍ରଷ୍ଟି ଅଜୟ ଦାସ, ପୂର୍ବତନ ଜିଲ୍ଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ତିର୍ତୋଲ ବିଜେପି ନେତା ରାଜକିଶୋର ବେହେରା, ପାରାଦ୍ୱୀପ ବିଜେପି ସଭାପତି ତଥା ପରିଷଦ ସୁବ୍ରତ ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପୂର୍ବତନ ପରିଚାଳକ ରବିଦାସ ଡା. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ମନ୍ତ୍ରୀଙ୍କ ପ୍ରତିନିଧି ତଥା ଟ୍ରଷ୍ଟ ର ସମ୍ପାଦକ ସର୍ବେଶ୍ୱର ବଳିୟାର ସିଂ ପରିଚାଳନା କରିଥିଲେ ।

# ଭବାନୀପାଟଣାରୁ ଥୁଆମୂଳ ରାମପୁର ରାସ୍ତା ଯାତାୟାତ ବାଧାପ୍ରାପ୍ତ

**କଳାହାଣ୍ଡି ଥୁଆମୂଳ ରାମପୁର, (ନି.ପ୍ର) :** ଆଜି ସମସ୍ତେ ଉତ୍କଳ ଦିବସ ପାଳନ କରୁଥିବା ବେଳେ ଭବାନୀପାଟଣା ରୁ ଏକ ଲୁହା ରଡ଼ ବୋଝେଇ ଟ୍ରଲର ଡଉ ୦୪୮୧୧୧, ଯାଉଥିବା ସମୟରେ କିଆପଦର ପାଖ କତୁଲଯୋର୍ ଫରେଷ୍ଟ ୱାଚ ଟାୱାର ପାଖରେ ଘାଟି ଉଠାନି ଉଠି ନ ପାରି ପଛକୁ ଗଡିଯାଇ ରାସ୍ତାର ଏ ପାଖ ସେପାଖ ରାସ୍ତା କଭର ରହିଯାଇଛି । ଯାହା ଫଳରେ କେବଳ ଦୁଇ ଚକିଆ ଜାନ ବ୍ୟତୀତ କୌଣସି ଜାନ ବାହାନ ଯାଆ ଆସ କରି ପାରୁ ନ ଥିବାରୁ ଗତ କାଲି ସନ୍ଧ୍ୟା ସମୟରୁ ଲୋକେ ହଇରାଣ ହେଉଛନ୍ତି । ସୂଚନା ଅନୁଯାୟୀ ଆମ୍ବୁଲାନ୍ସ ମଧ୍ୟ ଯିବା ଆସିବାରେ ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି । ଗତକାଲି ଠାରୁ ରାସ୍ତା ଜାମ ହୋଇଥିଲେ ମଧ୍ୟ ବର୍ତ୍ତମାନ ୧୫ ଘଣ୍ଟା ହୋଇ ସାରିଥିଲେ ସୁଦ୍ଧା ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଏ ପଟ ସେପଟ ଗାଡ଼ି ମଟର ଅଟକି ଯିବା ଫଳରେ ବିଭିନ୍ନ ଲୋକଙ୍କ ଜରୁରୀ କାମ ବାଧାପ୍ରାପ୍ତ ହୋଇଛି । ଶୀଘ୍ର ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବୀ ଜଣାଇଛନ୍ତି ।



### ବ୍ୟାସ ଫାଉଣ୍ଡେସନ ଓ କୁଜଙ୍ଗ ପୋଲିସ୍ ସହାୟତାରେ

# ନିଜ ଗୃହକୁ ଫେରିଲେ ବନିତା ଜେନା

**କୁଜଙ୍ଗ,(ନି.ପ୍ର) :** କୁଜଙ୍ଗ ବ୍ଲକ ଅନ୍ତର୍ଗତ ବୋରିଖି ଗ୍ରାମର ସ୍ୱର୍ଗତ ବନବିହାରୀ ଜେନା ଙ୍କ ପତ୍ନୀ ବନିତା ଜେନା ଙ୍କ କାହାଣୀ କୌଣସି ଚଳଚିତ୍ର ର କାହାଣୀ ପରି। ସବୁ ଝିଅଙ୍କ ପରି ବନିତା ମଧ୍ୟ ସୁନ୍ଦର ପରିବାର ଓ ସ୍ୱପ୍ନିଳ ଭବିଷ୍ୟତ ର ସ୍ୱପ୍ନ ଦେଖିଥିଲେ। ଅକସ୍ମାତ ୨୦୨୪ଏପ୍ରିଲ ମାସରେ ସ୍ୱାମୀ ଙ୍କ ଆତ୍ମହତ୍ୟା ଜନିତ ମୃତ୍ୟୁ ପରେ ବନିତା ଙ୍କର ସବୁ ସ୍ୱପ୍ନ ଭାଙ୍ଗି ଯାଇଥିଲା।ସ୍ୱାମୀ ଙ୍କ ସନ୍ତକ ଗୋଟେ ଝିଅ ଓ ଗୋଟେ ପୁଅ ର ଦାଇତ୍ୱ ବନିତା ଙ୍କ ମୁଣ୍ଡ ଉପରେ। ସ୍ୱାମୀ ଙ୍କ ମୃତ୍ୟୁ ପରେ ଆର୍ଥିକ ପରିସ୍ଥିତି ରେ ଦୁର୍ବଳ ଥିବା ବାପ ଘରେ ଆଶ୍ରୟ ନେଉଥିଲେ। ବନିତା ଯେତେବେଳେ ପିଲାମାନଙ୍କ ପାଠ ପଢା ଓ ଭବିଷ୍ୟତ ପାଇଁ ଘରକୁ ଫେରିବାକୁ ଉଦ୍ୟମ କଲେ ସେତେବେଳେ ଶାଶୂଘର ଲୋକ ମାନେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ ତାଙ୍କୁ ଦାୟୀ



କରିବା ସହ ଘରେ ଆଶ୍ରୟ ଦେଉନଥିଲେ।ନିଜର ତଥା ପିଲାମାନଙ୍କ ର ଅଧିକାର ପାଇବା ତ ଦୂର ର କଥା ନିଜର ସ୍ଥିତି କଣ ହେବ ଜାଣି ପାରୁନଥିଲେ। ପଞ୍ଚିବା ପାଇଁ ସମ୍ବଳ କେବଳ ୩ ଜଣ ଙ୍କର ରାସନ ଚାଉଳ। ଏକ ବର୍ଷ ହେବ ବିଧବା ହେଲେ ମଧ ବିଧବା ଭତ୍ତା ମଧ ମିଳି ପାରି ନାହିଁ। ବଡ ଝିଅ ବର୍ତମାନ ବୋରିଖି ସ୍କୁଲ ରେ ଅଷ୍ଟମ ଶ୍ରେଣୀ ଏବଂ ପୁଅ ପଞ୍ଚମ ଶ୍ରେଣୀରେ ପଢୁ ଛନ୍ତି। ନିଜର ରହିବା ପାଇଁ କେତେବେଳେ ବନ୍ଧୁ ଙ୍କ ଘରେ ତ କେତେବେଳେ ସହୃଦୟ ବ୍ୟକ୍ତି ଙ୍କ ଘରେ ଜୀବନ ବିତାଉଥିଲେ। ନିଜର ଅଧିକାର ପାଇଁ ଅନେକ ଥର କୁଜଙ୍ଗ ଥାନା ଅଧିକାରୀ ଙ୍କ ନିକଟରେ ଗୁହାରି କରିଛନ୍ତି ବନିତା। ଯା ଭିତରେ ଅନେକ ଅଧିକାରୀ ଙ୍କର ବଦଳି ହୋଇଥିଲେ ମଧ ବନିତା ଙ୍କ ଭାଗ୍ୟରେ କୌଣସି ପରିବର୍ତନ ହୋଇ ପାରି ନାହିଁ। ପରି ଶେଷରେ ସବୁଆଡୁ ନିରାଶ ହେବା ପରେ ଜିଲ୍ଲା ରେ ଅସହାୟ ନିରାଶ୍ରୟ ତଥା ନ୍ୟାୟ ବଞ୍ଚିତ ଙ୍କ ପାଇଁ କାମ କରୁଥିବା ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଙ୍କ ନିକଟରେ ଗୁହାରି କରିଥିଲେ ବନିତା। ଶ୍ରୀମତୀ ଆଚାର୍ଯ୍ୟ କୁଜଙ୍ଗ ଥାନା ଅଧିକାରୀ ଓ ଜିଲ୍ଲା ଆରକ୍ଷୀ ଅଧିକାରୀ ଙ୍କୁ ଭେଟି ବନିତା ଙ୍କ ସମସ୍ୟା ସମ୍ପର୍କ ରେ ଅବଗତ କରାଇଥିଲେ। ପରେ ଆରକ୍ଷୀ ଅଧିକାରୀ ଙ୍କ ପରାମର୍ଶ କ୍ରମେ କୁଜଙ୍ଗ ତାଲୁକ ଲିଗାଲ ସରଭିସ ର ଚେୟାରମ୍ୟାନ ଙ୍କ ଦୃଷ୍ଟି କୁ ବନିତା ଙ୍କ ସମସ୍ୟା ଆଣିଥିଲେ। ଅଦ୍ୟ ତା ୧/୪/୨୫ମଙ୍ଗଳବାରେ କୁଜଙ୍ଗ ତାଲୁକ ଲିଗାଲ ସରଭିସ ଚେୟାରମ୍ୟାନ ଙ୍କ ପତ୍ରାଙ୍କ ନଂ ୮୦/୨୬/୨୫ ନିର୍ଦ୍ଦେଶ କ୍ରମେ କୁଜଙ୍ଗ ଥାନା ମହିଳା ଶିଶୁ କାଶ ଅଧିକାରୀଣି ଶ୍ରୀମତୀ ରେଣୁବାଳା ମହାପାତ୍ର, ପ୍ରମୋଦ ଉଦୟସିଂ, ପ୍ରବୋଧ କୁମାର ପରିଜା,ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଉପସଭାପତି ରଶ୍ମିତା ନାୟକ, ସଭ୍ୟ ମନୋଜ ପ୍ରଧାନ ପ୍ରଭୃତି ବନିତା ଙ୍କ ବୋରିଖି ଗ୍ରାମରେ ପହଂଚି ବନିତା ଓ ତାଙ୍କ ପିଲାଙ୍କୁ ବ୍ୟବସ୍ଥିତ କରାଇଛନ୍ତି। କୁଜଙ୍ଗ ପୋଲିସ ଓ ବ୍ୟାସ ଫାଉଣ୍ଡେସନ ର ଏପରି କାର୍ଯ୍ୟକ୍ରମ କୁ ସାଧାରଣ ରେ ପ୍ରଶଂସା କରିଛନ୍ତି।

# ଜଳସମ୍ପଦ ଡ୍ରେନେଜ ବିଭାଗ କାମରେ ଘୋଟଲା



**ତିର୍ତ୍ତୋଲ,(ନି.ପ୍ର) :** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନରୁଆ ଛକ ଠାରେ ନରୁଆ ସୁନ୍ଦରକଣି କୁ ସଂଯୋଗ କରୁଥିବା ଡ୍ରେନେଜ କାମରେ ମହା ଘୋଟଲା ଦେଖିବାକୁ ମିଳିଛି । ନରୁଆଛକ ଠାରୁ ତୁଳଙ୍ଗ କୁ ସଂଯୋଗ କରୁଥିବା ରାସ୍ତାରେ ଜଳସମ୍ପଦ ବିଭାଗ ର ଏକ ସୋଠ ପକାଇ ପୋଲ ତିଆରି କରୁଥିବା ବେଳେ ମାତ୍ର ଆଠ ଦିନ ନ ପୁରୁଣୁ ପୋଲ ଫାଟି ଆଁ କରିଥିବା ବେଳେ ସେଇ ପୋଲ କଡରୁ ମାଟି ଉଠାଇ ରାସ୍ତା କରୁଥବା ବେଳେ ସ୍ଥାନୀୟ ଲୋକେ ମାନେ ସ୍ୱର ଉଠାଇ ବାରୁ ଠିକାଦାର ଓ ଯନ୍ତ୍ରି ଙ୍କ ମଧୁଚନ୍ଦ୍ରିକା ଏଠି ପଦାରେ ପଡ଼ିଛି । ଯାହାକି ଅନ୍ୟ ଠିକାଦାର କହିବା ମୁତାବକ ଯନ୍ତ୍ରି ଠିକାଦାର ଙ୍କ ଠାରୁ ପଣି ନେଇ କାମ ଉପରକୁ ନ ଆସିବା ଦ୍ୱାରା ଠିକାଦାର ମନଇଚ୍ଛା କାମ କରିଛି । ଏଠାରେ ପ୍ରଶ୍ନ ଉଠୁଛି ଯଦି ବର୍ଷା ପାଣି ଅଧିକ ଆସେ ତାହାଲେ ପୋଲକୁ ଭସାଇ ନେବା ନିଶ୍ଚିତ ବୋଲି ବୁଦ୍ଧିଜୀବୀ ମାନେ ଆକଳନ କରିଛନ୍ତି । ଏହି ବାବଦରେ ଖୁବଶୀଘ୍ର ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳ ଓ ଡ୍ରେନେଜ୍ ବିଭାଗର ଉପରିସ୍ତ ଯନ୍ତ୍ରି ଙ୍କୁ ଭେଟିବାକୁ ଥିବା ବେଳେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ପିଟିସନ ପକାଇଥିବା ଶୁଣିବାକୁ ମିଳିଛି ।

# ଓଡ଼ିଶାର ଘରେ ଘରେ ଓଡ଼ିଆ ଭାଷା ଅସୁରକ୍ଷିତ

**ଖୋର୍ଦ୍ଧା,(ନି.ପ୍ର) :** ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ସମ୍ମିଳନୀ ମଞ୍ଚରେ ତତ୍କାଳୀନ ରାଜା ମହାରାଜାଙ୍କଠାରୁ ପ୍ରଜା ପର୍ଯ୍ୟନ୍ତ ସମସ୍ତଙ୍କୁ ଏକତ୍ରିତ କରି ବିଟ୍ରିଶ ସରକାରଙ୍କ ଦ୍ୱାରା ଖଣ୍ଡବିଖଣ୍ଡିତ ଉତ୍କଳକୁ ପୁନଃଗଠନ କରି ୧ ଏପ୍ରିଲ ୧୯୩୬ ରେ ଓଡ଼ିଆ ଭାଷା ଭିତ୍ତିକ ପ୍ରଦେଶ ଓଡ଼ିଶା ଗଠନ ହୋଇଥିଲା । 'ଓଡ଼ିଆ ଅସ୍ମିତା'ର ପ୍ରଚାରକୁ ଗୋଇଠା ମାରି ଓଡ଼ିଶାର ଘରେ ଘରେ ଆଜି ମମି, ଅଙ୍କଲ୍ , ରିଙ୍ଗ୍ ସେରିମନି, ୱେଡ଼ିଙ୍ଗ୍, ସାକ୍ରେଡ଼ ଥ୍ରେଡ଼ ସେରିମନି ବାଥ୍ ଡ଼େ ର ରାଜତ୍ୱ । ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ଦ୍ୱାରା ବ୍ୟାଙ୍କ ଛକ ଠାରେ ଉତ୍କଳ ଦିବସ ପାଳନ କରାଯାଇଥିଲା । ଓଡ଼ିଶା ପ୍ରଦେଶ ଗଠନରେ ତ୍ୟାଗ ସ୍ୱୀକାର କରିଥିବା ସମସ୍ତ ବରପୁତ୍ରମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ ଓ ରାଜ୍ୟ ସଙ୍ଗୀତ ରୂପେ ଓଡ଼ିଶା ସରକାରଙ୍କ ଦ୍ୱାରା ଗୃହୀତ ' ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ମଞ୍ଚର ସଦସ୍ୟମାନେ ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାର ବ୍ୟବହାର କରିବା ବାର୍ତ୍ତା ନେଇ ବ୍ୟାନର୍ ଏବଂ ବୋଡ, ମାଆ ବାପା, ମାମୁଁ ମାଇଁ, ମଉସା-ମାଉସୀ, ପିଇସା-ପିଇସୀ, ଜନ୍ମଦିନ, ନିର୍ବନ୍ଧ, ବିବାହ ଓ ବ୍ରତଘର ଶବ୍ଦକୁ ବ୍ୟବହାର କରିବା ନେଇ ପ୍ଲାକ୍ କାର୍ଡ଼ ସହ ପଦଯାତ୍ରା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଖିଳ ଚନ୍ଦ୍ର ପ୍ରଧାନ, ବିଧାନ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପଟ୍ଟନାୟକ, ବୈକୁଣ୍ଠନାଥ ରାଜଗୁରୁ, ଭୀମସେନ ପ୍ରଧାନ, ପ୍ରଫୁଲ୍ଲ ସାମନ୍ତରାୟ, ଦେବପ୍ରସାଦ




ମଜମୁଦାର, ଦୁର୍ଗାପ୍ରସାଦ ମିଶ୍ର , କୃଷ୍ଣ ହରିଚନ୍ଦନ, ମାୟାଧର ପ୍ରଧାନ, ବିପିନି ବିହାରୀ ମିଶ୍ର, ବିପ୍ରଚରଣ ବେହୁରା, ପ୍ରଫୁଲ୍ଲ କୁମାର ସାହୁ, ରବୀନ୍ଦ୍ରନାଥ ମିଶ୍ର, ମଧୁସୂଦନ ମହାପାତ୍ର, ବିରଞ୍ଚି ନାରାୟଣ ପ୍ରଧାନ, ହରମୋହନ ମହାପାତ୍ର, ଶୁଭେନ୍ଦୁ ମିଶ୍ର, ଶ୍ରୀମନ୍ତ ବେହେରା, ନାରଦ ଚନ୍ଦ୍ର ଦାଶ, ନବ କିଶୋର ମହାପାତ୍ର, ନବୀନ ସାମନ୍ତସିଂହାର, ଅଞ୍ଜନ କୁମାର ରାୟ, ପୂର୍ଣ୍ଣଚନ୍ଦ୍ର ବରାଳ, ଭାଗବତ ସାହୁ, ବିଜୟ କୁମାର ପଣ୍ଡା, ସନ୍ତୋଷ କୁମାର ଦାସ, ରବୀନ୍ଦ୍ର କୁମାର ସାହୁ, ସତ୍ୟବ୍ରତ ଦାସ, ବିଜୟ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ମଞ୍ଚର ସମ୍ପାଦକ ରାମଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୌଦ୍ୱାରରେ ଉତ୍କଳ ଦିବସ ପାଳିତ

**ଟାଙ୍ଗୀ-ଚୌଦ୍ୱାର,(ନି.ପ୍ର) :** ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ଗାନ୍ଧୀଛକସ୍ଥିତ ମହିଳା ମହାବିଦ୍ୟାଳୟରେ ମଧୁବାବୁ, ଓ.ଟି.ଏମ୍ ପରିବା ମାର୍କେଟ ନିକଟରେ ଥିବା ଗୋପବନ୍ଧୁ, ବିଜୁବାବୁ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯିବା ସହ ଉତ୍କଳ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା । ଚୌଦ୍ୱାର ସାହିତ୍ୟ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ସମାଜସେବୀ ବୈଷ୍ଣବ ଚରଣ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗିରଥୀ ମିଶ୍ର, ଶିକ୍ଷକ ନେତା ଶିବପ୍ରସାଦ ପତି, ଅକ୍ଷୟ ମିଶ୍ର, ନରହରି ନାୟକ, ବିଜୟ କୁମାର ନନ୍ଦ,



ରୋଟାରିଆନ୍ ଶରତ କୁମାର ଖୁଣ୍ଟିଆ, ଅଲେଖ ବେହେରା, ପବିତ୍ରମୋହନ ସାହୁ, ବିଭୁ ଦାସ ବର୍ଦ୍ଧନ, ସାମ୍ବାଦିକ ଗଂଗାଧର ସାହୁ, ସତ୍ୟବ୍ରତ ଦାସ, କେ.ସି.ପ୍ରତାପ ସିଂହ, ଝୁମୁକା ସଂପାଦକ ମାନସ ରଂଜନ ସାମଲ, ଅକ୍ଷୟ କୁମାର ଭୂୟାଁ, ଦେବେନ୍ଦ୍ର ପୃଷ୍ଟି, ପ୍ରତିମା ଦାସ, ବୁବୁ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂପାଦକ ଦିବ୍ୟଜ୍ୟୋତି ପାଣି, ସଂଗଠନ ସଂପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଯୁଗ୍ମ ସଂପାଦିକା ସରିତା ଦାସ, ସହ ସଂପାଦକ ଭାସ୍କର ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ଚୌଦ୍ୱାର ପୌର ପରିଷଦ ତରଫରୁ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପ୍ରାକ୍ତନ ନଗରପାଳ ପ୍ରେମଚାନ୍ଦ ନାୟକ, କାଉନସିଲର ଆଶୁତୋଷ ଦାସ, ଅଜୟ ବେହେରା, ଅର୍ଜୁନୀ ବେହେରା, ପୌର କର୍ମଚାରୀ ତପନ କୁମାର ସାହୁ ପ୍ରମୁଖ ବିଭିନ୍ନ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । ଚୌଦ୍ୱାର ମହିଳା ମହାବିଦ୍ୟାଳୟର ଛାତ୍ରୀ ତଥା ଶିଶୁ ସଦନର ଅନ୍ତେବାସୀମାନେ ଶୋଭାଯାତ୍ରାରେ ଆସି ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଛତିଆ ଉଚ୍ଚବିଦ୍ୟାଳୟ ପରିସରରେ ଓଡ଼ିଶା ଦିବସ

**ଚଣ୍ଡିଖୋଲ,(ନି.ପ୍ର) :** ଛତିଆ ଉଚ୍ଚ ବିଦ୍ୟାଳୟ ପରିସରରେ ୯୦ତମ ଓଡିଶା ଦିବସ କାଯ୍ୟକ୍ରମ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ପୃଷ୍ଟି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାଯ୍ୟକ୍ରମ ରେ ଅତିଥି ଭାବେ ସମାଜସେବୀ ଅନନ୍ତ କିଶୋର ଷେଣ୍ଢ ଓ ଛତିଆ ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି ଯୋଗଦାନ କରି ପ୍ରଥମେ କୁଳବୃଦ୍ଧ ମଧୁସୂଦନ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ପଢିହାରି ବନ୍ଦେ ଉତ୍କଳ ଜନନୀ କବିତା ପାଠ କରିଥିଲେ। ଶିକ୍ଷୟିତ୍ରୀ ହରପ୍ରିୟା ବିଶ୍ୱାଳ, ଡ଼. ମାନସୀ ମିଶ୍ର, ବିଜୟଲକ୍ଷ୍ମୀ ବେହେରା, ସିଲସିଲା ସାହୁ, ଗୀତାଞ୍ଜଳି ରାଉତରାୟ ପ୍ରମୁଖ ଉତ୍କଳ ଦିବସ ର ମହାନତା ଓ ଓଡିଶା କୁ ଏକ ଭାଷା ଭିତ୍ତିକ ରାଜ୍ୟର ମାନ୍ୟତା ପ୍ରଦାନ ରେ ସଂଗ୍ରାମୀ କାଳଜୟୀ ପୁରୁଷ ମାନଙ୍କ ସ୍ମୃତି ଚାଳନ କରିଥିଲେ। ଅତିଥି ଅନନ୍ତ ଷେଣ୍ଢ ଓ ସରପଞ୍ଚ



ରମେଶ ପୃଷ୍ଟି ନିଜର ବକ୍ତବ୍ୟ ରେ ଓଡିଶା କୁ ଏକ ଭାଷା ଭିତ୍ତିକ ରାଜ୍ୟ ଗଠନ ପାଇଁ ଯେଉଁମାନେ ଆନ୍ଦୋଳନ କରିଥିଲେ ସେମାନଙ୍କୁ ସଦା ସର୍ବଦା ଓଡିଶା ବାସି ପୂଜା କରିବାର ଆବଶ୍ୟକତା ରହିଛି ବୋଲି ପ୍ରମୁଖ କହିଥିଲେ। ଏହି କାଯ୍ୟକ୍ରମ କୁ ଶିକ୍ଷକ ନାରାୟଣ ଚନ୍ଦ୍ର ପ୍ରଧାନ, ରସାନନ୍ଦ ମଲିକ, ଅକ୍ଷୟ କୁମାର ସାମନ୍ତରାୟ, ରଶ୍ମି ରଞ୍ଜନ ଷେଣ୍ଢ, ଶ୍ରଦ୍ଧାଞ୍ଜଳି ଓଝା,ଶୁଭ ପ୍ରଦା ଦେବୀ, କମଳା କାନ୍ତ ମହାନ୍ତି, ପ୍ରମୋଦ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ରେ ସାହାଯ୍ୟ କରିଥିଲେ। ଶେଷରେ ପୁରୁଷୋତ୍ତମ ସାମଲ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା।

# ରମାକାନ୍ତ ସେବା ଫାଉଣ୍ଡେସନର ସଫେଇ କାର୍ଯ୍ୟକ୍ରମ

**ବାସୁଦେବପୁର,(ନି.ପ୍ର) :** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ନାୟକାନଡିହି ରେ ଥିବା ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ପାଖ ପଞ୍ଚାୟତ କରଞ୍ଜଆଡ଼ିଆ ରେ ଥିବା ଖେମେଶ୍ୱର୍ ଶିବ ମନ୍ଦିର ପରିସର ରେ ସଫେଇ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି। ସେବା ଫାଉଣ୍ଡେସନ ର ପ୍ରତିଷ୍ଠାତା ରତିକାନ୍ତ ପ୍ରଧାନ ପିଣ୍ଟୁ ବାବୁ ଙ୍କ ନେତୃତ୍ୱ ରେ ତିରିଶ ରୁ ଉର୍ଦ୍ଧ ସଦସ୍ୟ ଉପସ୍ଥିତ ରହି ମନ୍ଦିର ପରିସର ରେ ସଫେଇ କାର୍ଯ୍ୟ କରିଥିଲେ। ଏହା ଅବସର ରେ କୋଡ଼ିଏ ଜଣ ଯୁବକ ରମାକାନ୍ତ ସେବା ଫାଉଣ୍ଡେସନ କାର୍ଯ୍ୟ ରେ ଖୁସି ବ୍ୟକ୍ତ କରି ଅନୁପ୍ରାଣିତ ହୋଇ ରମାକାନ୍ତ ସେବା ଫାଉଣ୍ଡେସନ ର ନୂତନ ସଦସ୍ୟ ଭାବେ ରତିକାନ୍ତ ପ୍ରଧାନ ଙ୍କ ଉପସ୍ଥିତି ରେ ସଦସ୍ୟତା ନେଇଥିଲେ।




# ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଉପଲକ୍ଷେ ଯାଜପୁର ଜିଲ୍ଲାରୁ ୫ ସମ୍ବର୍ଦ୍ଧିତ

**ଖୋର୍ଦ୍ଧା,(ନି.ପ୍ର) :** ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ପାଣିକୋଇଲି ପୋଲିସ ମୁଖ୍ୟାଳୟରେ ରିଜର୍ଭ ପୋଲିସ ପଡିଆରେ ମହାସମାରୋହରେ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସ ପ୍ରତାପ ଶ୍ରୀମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ବାର୍ତ୍ତା ପଠନ କରିଥିଲେ । ପରେ ଏହି ଅବସରରେ ଜିଲ୍ଲା ପୋଲିସରେ କର୍ତବ୍ୟରତ ଶ୍ରେଷ୍ଠ ସବଇନ୍ସପେକ୍ଟର ଭାବେ ମଙ୍ଗଳପୁର ଥାନାର ବିଭୂତି ଭୂଷଣ ମହାପାତ୍ର, ଶ୍ରେଷ୍ଠ ଏ ଏସ ଆଇ ବିଞ୍ଝାରପୁର ଥାନାର ସସ୍ମିତା ମଙ୍ଗରାଜ, ଶ୍ରେଷ୍ଠ ହାବିଲଦାର ଭାବେ କୋରାଇ ଥାନାର ସୁଦର୍ଶନ ସେଠି,ଶ୍ରେଷ୍ଠ କନେଷ୍ଟବଳ ଭାବେ ଯାଜପୁର ରୋଡ ଥାନାର ଦୀପକ କୁମାର ତ୍ରିପାଠୀ , ଶ୍ରେଷ୍ଠ ଏପିଆର୍ କନେଷ୍ଟବଳ ହେଡକ୍ୟାଟର ପ୍ରକାଶ କୁମାର ସାହୁଙ୍କୁ ଏସପି ମାନପତ୍ର , ପୁଷ୍ପଗୁଚ୍ଛ,ଓ ଅର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅତିରିକ୍ତ ଏସପି ଅନିରୁଦ୍ଧ ରାଉତରାୟ ମାନପତ୍ର ପଠନ କରିଥିଲେ।ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଏସପି (ଡି ଆଇବି )



ପୁଷ୍ପଲତା ବାରିକ,ରିଜର୍ଭ ଇନ୍ସପେକ୍ଟର ଦିନେଶ କୁମାର ସାହୁ, ସର୍ଜେଣ୍ଟ ଭାଗିରଥି ବେହେରା ଓ ମନୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏସଡିପିଓ ଲକ୍ଷ୍ମୀଧର ସାହୁ,ପାଣିକୋଇଲି ଥାନା ଅଧିକାରୀ ରଞ୍ଜିତ ମହାନ୍ତି,କୁଆଖିଆ ଥାନାଧିକାରୀ ଚିନ୍ମୟୀ ସାହୁ, କୋରାଇ ଥାନାଧିକାରୀ ରାକେଶ ତ୍ରିପାଠୀ , ଯାଜପୁର ଥାନାଧିକାରି ଶରତ ଚନ୍ଦ୍ର ପାତ୍ର, ଯାଜପୁର ରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ପୋଲିସ ପଦାଧିକାରୀ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଓଡ଼ିଆ ଆନ୍ଦୋଳନର ଆଦିପୀଠ ବ୍ରହ୍ମପୁର ଠାରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ ମହା ସମାରୋହରେ ପାଳିତ

**ଛତ୍ରପୁର,(ନି.ପ୍ର) :** ଓଡ଼ିଆ ଆନ୍ଦୋଳନର ଆଦିପୀଠ ବ୍ରହ୍ମପୁର ଠାରେ ମହାସମାରୋହର ସହିତ ଗଞ୍ଜାମ ଜିଲ୍ଲା ସ୍ତରୀୟ ୯୦ ତମ ଓଡିଶା ଦିବସ ପାଳିତ ହୋଇଯାଇଛି। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଏକ ଅଭିନବ ଭାଷା ଆନ୍ଦୋଳନରୁ ପ୍ରସୂତ। ମହାନ ଐତିହ୍ୟ ଓ ସଂସ୍କୃତିର ଅଧିକାରୀ ଓଡ଼ିଶା ଏକଦା ସମଗ୍ର ପ୍ରାଚ୍ୟ ଭୂଖଣ୍ଡରେ ମହା ଭାରତୀୟ ସଂସ୍କୃତିର ଭାବଧାରାର ପ୍ରଚାର ଓ ପ୍ରସାର କରିଥିଲା। ସେହି ଓଡ଼ିଶାର ଦାୟାଦ ଆଜି ୯୦ତମ ଓଡ଼ିଶା ଦିବସ ହସଉଲ୍ଲାସର ସହିତ ପାଳନ କରି ପୂର୍ବସୁରୀ ମାନଙ୍କ ଅକ୍ଲାନ୍ତ ଶ୍ରମ ଓ ତ୍ୟାଗପୂତ କାହାଣୀକୁ ମନେ ପକାଇ ସେମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ନତମସ୍ତକ ହୋଇଥିଲେ। ମଙ୍ଗଳବାର ଏପ୍ରିଲ ପହିଲାର ପୂର୍ବାହ୍ନ ସମୟରେ ବ୍ରହ୍ମପୁର ନଗରର ମାନ୍ୟଗଣ୍ୟ ବ୍ୟକ୍ତି, ଅତିଥି ଗିରି ବଜାର ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏକତ୍ର ହୋଇଥିଲେ। ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ସ୍ଥଳେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ମହାନଗର କମିଶନର ଭବାନୀ ଶଙ୍କର ମିଶ୍ର ସମେତ ପୂର୍ବତନ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ବ୍ରହ୍ମପୁର ସହର ମଧ୍ୟରେ ରହିଥିବା ପ୍ରତିମୂର୍ତ୍ତି ଗୁଡିକରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ପରେ ବିଜୁପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍ଘାଟନ କରି ଓଡ଼ିଶାର ବରପୁତ୍ର ମାନଙ୍କ ଫଟୋଚିତ୍ର ପ୍ରଦର୍ଶନୀକୁ ଭୂୟସୀ ପ୍ରଶଂସା କରିଥିଲେ।

ସେହିଠାରେ ଆୟୋଜିତ ସାଧାରଣ ସ୍ମୃତି ଚାରଣ ସଭାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବିଭୂତି ଭୂଷଣ ଜେନା ନିଜ ବକ୍ତବ୍ୟରେ ଅବଗତ କରାଇଥିଲେ ଯେ ଆଜି ପ୍ରତିଟି ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ଦିନ । କାହିଁ କେଉଁ କାଳରୁ ଉତ୍କଳ, କଳିଙ୍ଗ, କଙ୍ଗୋଦ, କୋଶଳ ଆଦି ନାମରେ ପରିଚିତଥିବା ଭୂଖଣ୍ଡ ଆଜି ଓଡ଼ିଶା ଭାବେ ଏକ ସ୍ୱତନ୍ତ୍ର ପରିଚିତି ହାସଲ କରିଛି । ଦିନେ ଖଣ୍ଡବିଖଣ୍ଡିତ ହୋଇ ନିଜର ପରିଚୟ ଖୋଜୁଥିବା ଓଡ଼ିଶା ଆଜିର ଦିନରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଲାଭ କଲା ।

ଓଡ଼ିଶାର ଇତିହାସକୁ ଅବ ଲୋକନ୍ କରି ଜଣାଇଥିଲେ ଯେ ୧୫୬୮ ମସିହା ଠାରୁ ୧୮୦୩ ମସିହା ପର୍ଯ୍ୟନ୍ତ ଆଫଗାନ୍ ଓ ମୋଗଲ ଶାସନ କାଳରେ ଓଡିଶାର କଳେବର ଅକ୍ଷୁଣ୍ଣ ଥିଲା । ନିଜର ସ୍ୱାତନ୍ତ୍ର୍ୟ ହରାଇ ନଥିଲା । କିନ୍ତୁ ୧୮୦୩ ମସିହାରେ ଯେତେବେଳେ ଓଡିଶା ଇଂରେଜ ଶାସନାଧୀନ ହେଲା ସେତେବେଳେ ଓଡିଶାକୁ ବିଭାଜିତ କରାଇ ଦିଆଗଲା । ଓଡ଼ିଆ ଜାତି, ଓଡ଼ିଆ ଭାଷା, ଓଡ଼ିଆ ଅସ୍ମିତାର ଆକାଶରେ ଘୋଟି ଆସିଲା କଳାବାଦଲ । ଗଞ୍ଜାମ ପ୍ରଭୃତି ଦକ୍ଷିଣ ଓଡିଶାର ବହୁ ଅଞ୍ଚଳ ମାଡ୍ରାସ ପ୍ରେସିଡେନ୍ସୀରେ ସମ୍ବଲପୁର ଇତ୍ୟାଦି ପଶ୍ଚିମାଞ୍ଚଳ ସେଣ୍ଟ୍ରାଲ ପ୍ରେସିଡେନ୍ସୀ ଅଞ୍ଚଳରେ ଏବଂ ଉତ୍ତର ଓଡିଶାର ଅନେକ ଅଞ୍ଚଳ ବେଙ୍ଗଲ ପ୍ରେସିଡେନ୍ସୀରେ ଅନ୍ତର୍ଭୁକ୍ତ ହୋଇଥିଲା । ଓଡିଶାରେ ଇଂରେଜ ଶାସନର ଦୀର୍ଘ ୫୦ ବର୍ଷ ପରେ କେତେକ ନେତୃବୃନ୍ଦ ସ୍ୱତନ୍ତ୍ର ପ୍ରଦେଶ ଗଠନର ସ୍ୱପ୍ନ ଦେଖିଥିଲେ । ସେହି ଉତ୍କଳର ମହାନ ବରପୁତ୍ରମାନଙ୍କ ମଧ୍ୟରେ କୁଳବୃଦ୍ଧ ମଧୁସୂଦନ ଦାସ, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ଭକ୍ତକବି ମଧୁସୂଦନ ରାଓ, କବିବର ରାଧାନାଥ ରାୟ, ଗୌରୀ ଶଙ୍କର ରାୟ, ଓଡିଆପ୍ରେମୀ ରାଜା ହରିହର ମର୍ଦ୍ଦରାଜ, ସ୍ୱଭାବ କବି ଗଙ୍ଗାଧର ମେହେର, ଦୈନିକ ଆଶାର ଜନକ ଶଶୀ ଭୂଷଣ ରଥଙ୍କ ଭଳି ସହିତ୍ୱିକ, ସାଧକ ଓ ସମାଜସେବୀ ସାମିଲ ଥିଲେ । ସେମାନଙ୍କ ଏକନିଷ୍ଠ ଦେଶପ୍ରେମ, ଭାଷାପ୍ରେମ, ମାତୃଭାଷା-ମାତୃଭୂମି ପ୍ରତି ଅଦମ୍ୟ ଭକ୍ତି, ଶ୍ରଦ୍ଧା ଓ ସ୍ୱାଭିମାନ ସହ ଉତ୍କଳ ମାତାଙ୍କ ଶ୍ରୀ ବୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ ତଥା ହୃଦୟର ବ୍ୟାକୁଳତା ୧୯୩୬ ମସିହା ଅପ୍ରେଲ ପହିଲା ଦିନ ପରାଧୀନ ଭାରତରେ ଆମପାଇଁ ଆଣିଦେଇଥିଲା ଏକ ସ୍ୱତନ୍ତ୍ର ଭୂଖଣ୍ଡ ସହ ସ୍ୱତନ୍ତ୍ର ପ୍ରଦେଶ ।

ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସହ ଆମ ମାଟିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓ ହରିହର ମର୍ଦ୍ଦରାଜ ଦେବ ପ୍ରମୁଖଙ୍କ ପ୍ରମୁଖ ଭୂମିକା ରହିଥିଲା । ୧୮୮୨ ମସିହାରେ ଖଣ୍ଡବିଖଣ୍ଡିତ ଉତ୍କଳର ସୁରକ୍ଷା ଓ ଉନ୍ନତି ପାଇଁ "ଉତ୍କଳ ସଭା'' ନାମରେ ଏକ ଅନୁଷ୍ଠାନ ଗଠିତ ହୋଇଥିଲା, ଯାହାର ପୃଷ୍ଠପୋଷକ ଥିଲେ କର୍ମବୀର ଗୌରୀଶଙ୍କର ଓ ଉତ୍କଳ ଗୌରବ ମଧୁସୂଦନ ଦାସ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ନବଜାଗରଣ ସୃଷ୍ଟି କରିବା ଏହାର ମୂଳଲକ୍ଷ୍ୟ ଥିଲା । ପରେ ୧୯୦୩ ମସିହାରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ନିମନ୍ତେ ମଧୁସୂଦନ ଦାସଙ୍କ ପ୍ରଚେଷ୍ଟାରେ କଟକଠାରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରାଯାଇଥିଲା । ଏହାର ପରିସର ଉତ୍କଳ ସଭା ଠାରୁ ମଧ ଅଧିକ ବ୍ୟାପକ ଥିଲା । ପରବର୍ତ୍ତୀ ସମୟରେ ଏଥିରେ ସାମିଲ ହୋଇଥିଲେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ । ସେ ୧୯୧୯ ମସିହାରେ 'ମଣ୍ଟେଗୁ ଚେମ୍ ?ସଫର୍ଡ' କମିଟିକୁ ସାକ୍ଷାତ କରି ମାନ୍ଦ୍ରାଜ ପ୍ରଦେଶରେ ଥିବା ଓଡ଼ିଆମାନଙ୍କର ସ୍ୱତନ୍ତ୍ର ମତଦାନ ସୁବିଧା ନିମନ୍ତେ ଦାବି କରିଥିଲେ । ଏହା ଫଳରେ ମାନ୍ଦ୍ରାଜ ପ୍ରଦେଶର ୧୦ ଜଣ ଲୋକ ପ୍ରତିନିଧିଙ୍କୁ ନିର୍ବାଚିତ କରିବାରେ ଓଡ଼ିଆମାନେ ସକ୍ଷମ ହେଲେ । ମଧୁବାବୁ ବିହାର-ଓଡ଼ିଶା ପ୍ରଦେଶର ମନ୍ତ୍ରୀ ଥିବାବେଳେ ବିହାର-ଓଡ଼ିଶା ପ୍ରଦେଶିକ କାଉନ୍ସିଲରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଦେଶାଧୀନ କରାଯିବା ସପକ୍ଷରେ ୧୯୨୨ ମସିହାରେ ପ୍ରସ୍ତାବ ଗୃହୀତ ହୋଇଥିଲା ।

ଅନ୍ୟପକ୍ଷରେ କୃଷ୍ଣଚନ୍ଦ୍ର ଗଜପତି ସେମାନଙ୍କୁ 'ମଣ୍ଟେଗୁ ଚେମ୍ସଫୋର୍ଡ' କମିଟିର ସୁପାରିଶ କ୍ରମେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଦେଶରେ ମିଶ୍ରଣ କରିବା ସପକ୍ଷରେ ପ୍ରଭାବିତ କରିଥିଲେ । ଜୟପୁର, ମଞ୍ଜୁଷା, ଟେକେଲି ଓ ଜଳନ୍ତରାର ରାଜାମାନେ ଗଜପତିଙ୍କ ସହିତ ଏକମତ ହୋଇ କମିଟିଙ୍କ ନିକଟରେ ଦାବି ଉପସ୍ଥାପନ କଲେ । ଏହାର ଯଥାର୍ଥତା ହୃଦୟଙ୍ଗମ କରି କମିଟି ମାନ୍ଦ୍ରାଜ ପ୍ରଦେଶରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରିବା ପାଇଁ ମତ ଦେଇଥିଲେ । ଏହା ଏ ଦିଗରେ ପ୍ରଥମ ସରକାରୀ ସୁପାରିଶ ଥିଲା । ୧୯୨୮ ମସିହା ଫେବୃଆରୀ ମାସରେ ବିଲାତର ସାଇମନ କମିଶନ ଭାରତ ପରିଦର୍ଶନ କଲେ। ମଧୁବାବୁ ପାଟଣାଠାରେ କମିଶନଙ୍କୁ ସାକ୍ଷାତ କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାକୁ ଦାବି ଉପସ୍ଥାପନ କଲେ ଏବଂ ସେହିବର୍ଷ ପାରଳା ମହାରାଜା ମାନ୍ଦ୍ରାଜଠାରେ କମିଶନଙ୍କ ନିକଟରେ ମଧ ଅନୁରୂପ ଦାବି ଉପସ୍ଥାପନ କରି କମିଶନଙ୍କ ସହିତ ସହଯୋଗ କରିବା ପାଇଁ ଓଡ଼ିଆ ଜାତିକୁ ଆହ୍ୱାନ ଦେଇଥିଲେ । ପାରଳା ମହାରାଜଙ୍କ ପରାମର୍ଶକ୍ରମେ ଶଶୀଭୂଷଣ ରଥ ଏବଂ ବ୍ରଜସୁନ୍ଦର ଦାସ ମଧ କମିଶନଙ୍କ ନିକଟରେ ଅନୁରୂପ ସ୍ମାରକ ପତ୍ର ଦାଖଲ କରିଥିଲେ । କମିଶନ ଓଡ଼ିଆମାନଙ୍କ ଦାବିର ଯଥାର୍ଥତା ପରୀକ୍ଷାନିରୀକ୍ଷା କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବି ଯଥାର୍ଥ ଏବଂ ଓଡ଼ିଆ ଭାଷାଭାଷୀ ସମସ୍ତ ଜମିଦାର ଓ ଗଡ଼ଜାତ ରାଜାମାନଙ୍କୁ ମଧ ଓଡ଼ିଶା ପ୍ରଦେଶ ସହ ମିଶ୍ରଣ କରାଯାଉ ବୋଲି କମିଶନ ତାଙ୍କ ମତାମତରେ ଉଲ୍ଲେଖ କରିଥିଲେ । ୧୯୩୦ ମସିହାରେ ଲଣ୍ଡନଠାରେ ଅନୁଷ୍ଠିତ ପ୍ରଥମ ଗୋଲଟେବୁଲ ବୈଠକରେ ଓଡ଼ିଆମାନଙ୍କ ପ୍ରତିନିଧିତ୍ୱ କରିବା ପାଇଁ ବିହାର-ଓଡ଼ିଶା ସରକାର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ମନୋନୀତ କରିଥିଲେ । ଉକ୍ତ ବୈଠକରେ ସେ ଓଡ଼ିଆମାନଙ୍କୁ ନ୍ୟାଯ୍ୟ ଦାବିକୁ ଦୃଢ଼ ଭାବରେ ଉପସ୍ଥାପନ କରିଥିଲେ । ଫଳରେ ୧୯୩୧ ମସିହାରେ ଅନୁଷ୍ଠିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବା ପ୍ରସ୍ତାବ ଗୃହୀତ ହୋଇଥିଲା । ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ କରିବା ପାଇଁ ଭାରତ ସରକାର ଓଡ଼ନେଲ ଗଠନ କଲେ । କଟକ, ପୁରୀ, ସମ୍ବଲପୁର, ଅନୁଗୁଳ, ଖଡ଼ିଆଳ, ଗଞ୍ଜାମ ଓ ବିଶାଖାପାଟଣା ଜିଲ୍ଲାର ସମ୍ମିଶ୍ରଣରେ ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ କମିଟି ମତପୋଷଣ କରିଥିଲେ । କିନ୍ତୁ ଜୟପୁର ଓ ପାରଳାଖେମୁଣ୍ଡି ଜମିଦାରୀକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରୁ ବାଦ୍ ଦିଆଯାଇଥିଲା । ଏଥିପାଇଁ ଇଣ୍ଡିଆ ଅଫିସ୍ ତରଫରୁ ଶ୍ୱେତପତ୍ର ପ୍ରକାଶ ପାଇଥିଲା । ମାତ୍ର ପାରଳା ମହାରାଜାଙ୍କ ଅନବରତ ନିଷ୍ଠାପର ଉଦ୍ୟମ ଫଳରେ ବିଲାତର ଗୃହମନ୍ତ୍ରୀ ସାମୁଏଲ ହୋରେ ଓଡ଼ିଆମାନଙ୍କ ଆନ୍ଦୋଳନର ଯଥାର୍ଥତାକୁ ହୃଦୟଙ୍ଗମ କରି ଜଏଣ୍ଟ ପାର୍ଲ୍ୟାମେଣ୍ଟ କମିଟି ଗଠନ କରିଥିଲେ ଏବଂ ପରିକଳ୍ପିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୁନଃବିଚାର କରାଇଥିଲେ । ଜୟପୁର, ପାରଳାଖେମୁଣ୍ଡି ଓ ଜଳନ୍ତରା ଜମିଦାରୀ ଅଞ୍ଚଳ ଏବଂ ପାରଳାଖେମୁଣ୍ଡି ସହର ସମେତ କିଛି ଅଂଶର ମିଶ୍ରଣରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବ ବୋଲି କମିଟି ମତପୋଷଣ କଲେ । ଫଳରେ ନୂତନ ଭାବେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରିକଳ୍ପନା ବାସ୍ତବ ରୂପ ନେବା ସମ୍ଭବ ହୋଇପାରିଲା । ଏଥି ସହ ଦକ୍ଷିଣ ଓଡିଶାର ବିଶ୍ୱନାଥ ଦାଶ, ଆସିକାର ନିରଞ୍ଜନ ପଟ୍ଟନାୟକ, ବ୍ରହ୍ମପୁରର ବ୍ୟବସ୍ଥାପକ ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ, ବ୍ରହ୍ମପୁରର ଦୀନ ବନ୍ଧୁ ଦାଶ, ଲିଙ୍ଗରାଜ ପାଣିଗ୍ରାହୀ, ମଧୁସୂଦନ ପାଣିଗ୍ରାହୀ, ଉମା ଚରଣ ପଟ୍ଟନାୟକ, ମାନ୍ଧାତା ନିତ୍ୟାନନ୍ଦ ପଟ୍ଟନାୟକ, ପାରଳା ମହାବିଦ୍ୟାଳୟର ଯୁଗଳ କିଶୋର ପାଣିଗ୍ରାହୀ ପ୍ରଭୃତି ବିଶିଷ୍ଟ ସହିତ୍ୱିକ, ସାଧକ ଓ ସମାଜସେବୀ ଅନେକ ଉଦ୍ୟମ କରିଥିଲେ । ସେମାନଙ୍କର ଅହୋରାତ୍ର ଉଦ୍ୟମ ଫଳରେ ପରିଶେଷରେ ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଲା । ଏହା ସହ ପ୍ରତିଟି ଓଡିଆ ଏକ ସ୍ୱତନ୍ତ୍ର ପରିଚୟ ପାଇଲେ । ଏହା ଭାରତର ପ୍ରଥମ ରାଜ୍ୟ ଯାହାକି ସମ୍ପୂର୍ଣ୍ଣ ଭାଷା ଭିତ୍ତିରେ ଗଠିତ ହୋଇଥିଲା ।

# ଲକ୍ଷ୍ନୌ ମଇଦାନରେ ପନ୍ତଙ୍କ ଟିମ୍‌କୁ ହରାଇଲା ପଞ୍ଜାବ

## ୮ ୱିକେଟରେ ଜିତିଲା ମ୍ୟାଚ୍



**ଲକ୍ଷ୍ନୌ,(ନି.ପ୍ର) :** ପଞ୍ଜାବ କିଙ୍ଗ୍ସ ଲକ୍ଷ୍ନୌ ସୁପର ଜିଆଣ୍ଟସକୁ ୮ ୱିକେଟରେ ପରାସ୍ତ କରିଛି। ଲକ୍ଷ୍ନୌ ନିଜ ଘରୋଇ ପଡ଼ିଆରେ ପରାଜୟର ସମ୍ମୁଖୀନ ହୋଇଛି। ଚଳିତ ସିଜନରେ ଏହା ପଞ୍ଜାବର କ୍ରମାଗତ ଦ୍ୱିତୀୟ ବିଜୟ ହୋଇଥିବାବେଳେ ଲକ୍ଷ୍ନୌ ଟୁର୍ନାମେଣ୍ଟର ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି। ଇକନା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଏଲ୍‌ଏସ୍‌ଜି ପ୍ରଥମେ ଖେଳି ୧୭୧ ରନ୍ ସ୍କୋର କରିଥିଲା। ଏହାର ଜବାବରେ ପଞ୍ଜାବ ୧୭ ଓଭରରେ ୮ ୱିକେଟ୍ ଥାଇ ମ୍ୟାଚ ଜିତିଥିଲା। ଏକନା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ପାଇଁ ୧୭୨ ରନ୍‌ର ବିଜୟଲକ୍ଷ୍ୟ ଥିଲା। ପଞ୍ଜାବ ଦଳର ନୂତନ ତାରକା ପ୍ରିୟାଂଶ ଆର୍ଯ୍ୟ ଏଥର ଭଲ ପ୍ରଦର୍ଶନ କରିପାରିନଥିଲେ କିନ୍ତୁ ତାଙ୍କ ସାଥୀ ପ୍ରଭାସୀମ୍ରନଙ୍କ ଧୁଆଁଧାର ବ୍ୟାଟିଂରେ ଫିକା ପଡ଼ିଥିଲା ଲକ୍ଷ୍ନୌ ବୋଲରଙ୍କ ପ୍ରଦର୍ଶନ। ପ୍ରଭସୀମ୍ରନ୍ ସିଂ ମାତ୍ର ୨୩ ଟି ବଲରେ ନିଜର ଅର୍ଦ୍ଧଶତକୀୟ ପାଳି ପୂରଣ କରିଥିଲେ ଏବଂ ମ୍ୟାଚରେ ସେ ୩୪ ବଲରେ ୬୯ ରନର ଧ୍ୱସ୍ତବିଧ୍ୱସ୍ତ ଇନିଂସ ଖେଳିଥିଲେ। ପ୍ରଭସୀମ୍ରାନ ସିଂଙ୍କ ଆଉଟ ହେବା ପରେ ଅଧିନାୟକ ଶ୍ରେୟାସ ଆୟର ପଞ୍ଜାବ କିଙ୍ଗ୍‌ର ଇନିଂସକୁ ଆଗକୁ ନେଇଥିଲେ। ଗୁଜୁରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚରେ କ୍ୟାପଟେନ ଶ୍ରେୟସ୍ ୯୭ ରନର ଅପରାଜିତ ଇନିଂସ ଖେଳିଥିଲେ। ଏଥର ଲକ୍ଷ୍ନୌ ବିପକ୍ଷରେ ସେ ୩୦ ଟି ବଲରେ ଅପରାଜିତ ୫୨ ରନ୍ ସଂଗ୍ରହ କରିଥିଲେ। ଆୟର କେବଳ ୨ ଟି ମ୍ୟାଚରେ ୧୪୯ ରନ୍ ସଂଗ୍ରହ କରିଛନ୍ତି ଏବଂ ଉଭୟ ମ୍ୟାଚ୍ ରେ ଅର୍ଦ୍ଧଶତକ ହାସଲ କରିଛନ୍ତି। କହିରଖୁଛୁ ଯେ, ଏହି ବିଜୟ ସହିତ ପଞ୍ଜାବ କିଙ୍ଗସ ବର୍ତ୍ତମାନ ୪ ପଏଣ୍ଟ ସହ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନକୁ ଆସିଛି।

# ୱି ଫର୍ ଭୁବନେଶ୍ୱର ପକ୍ଷରୁ ଓଡ଼ିଶା ଦିବସ ପାଳିତ



**ଭୁବନେଶ୍ୱର,(ନି.ପ୍ର) :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଆଜିଠାରୁ ୧୪ ଦିନ ଧରି ଓଡ଼ିଆ ପକ୍ଷ ଭାବେ ସାରା ରାଜ୍ୟ ତଥା ଦେଶରେପବିତ୍ର ଓଡ଼ିଶା ଦିବସ ଧୁମ୍‌ଧାମରେ ପାଳନ କରାଯାଉଥିବା ବେଳେୱି ଫର୍ ଭୁବନେଶ୍ୱର ପକ୍ଷରୁ ରାଜଭବନ ସମେତ ବିଭିନ୍ନ ସ୍ଥାନରେ ଆଜି ଓଡ଼ିଶା ଦିବସମହା ଆଡ଼ମ୍ବରରେ ପାଳନ କରାଯାଇଛି । ୱି ଫର୍ ଭୁବନେଶ୍ୱରର ଆବାହକ ଅମରେଶ ଜେନାଙ୍କ ନେତୃତ୍ୱରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍କଳ ପ୍ରଦେଶର ଜନନାୟକଙ୍କୁ ସ୍ମରଣ କରିବା ସହ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଶ୍ରୀ ସିଂ ଓଡ଼ିଆ ଜାତିର ସ୍ୱାଭିମାନଙ୍କୁ ସର୍ବଦା ବଜାୟ ରଖିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ବରପୁତ୍ରଙ୍କ ତ୍ୟାଗ,ସଂଗ୍ରାମ ଓ ବଳିଦାନକୁ ମନେ ପକାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ



ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଗଠନ ନିମନ୍ତେ ଆହ୍ୱାନ ଜଣାଇଥିଲେ। ସେହିପରି ଶ୍ରୀ ପ୍ରଧାନ ଉତ୍କଳର ପୂର୍ବ ଗୌରବ, ପୂର୍ବ ମହିମାକୁ ମନେ ପକାଇ ନିଜ ମା, ମାଟି ଓ ଜାତିକୁ ଭଲ ପାଇଲେ ଓଡ଼ିଶାର ଓ ଓଡ଼ିଆମାନଙ୍କର ମର୍ଯ୍ୟଦା ବିଶ୍ୱ ଦରବାରରେ ବୃଦ୍ଧି ପାଇବ ବୋଲି କହିଥିଲେ। ଓଡ଼ିଶାର ପ୍ରାଚୀନ କଳା, ସଂସ୍କୃତି,ଐତିହ୍ୟ ଓ ପରମ୍ପରାକୁ ମନେ ପକାଇ ଭବିଷ୍ୟତରେ କିପରି ଏହାକୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ଚିନ୍ତା ସମୟ ଆସିଛି ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱ ଓ ଦୂରଦୃଷ୍ଟି ବଳରେ ଓଡ଼ିଶାରେ ବିକାଶର ନୂଆ ପର୍ବର ଅୟମାରମ୍ଭ ହୋଇଛି ବୋଲି ଶ୍ରୀ ଜେନା କହିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉମାନାଥ ମିଶ୍ର,ରାମଚନ୍ଦ୍ର ପ୍ରଧାନ,ଗୁରୁ ଚରଣ ସାହୁ,ନରେନ ସାହୁ,ମାନସ ମହାନ୍ତି,ସୁଶାନ୍ତ ସାହୁଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଏବଂ ପୁରୁଷ ଓ ମହିଳା କର୍ମୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ଜାତୀୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ ।

# ଆଦିଶକ୍ତି ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ଚେତନା ସମାଚାର ଉଦ୍‌ଘାଟନ



**ଭୁବନେଶ୍ୱର,(ନି.ପ୍ର) :** ସନ୍ଧ୍ୟା ୭ଘଟିକା ରେ ପ୍ରଥମେ ପବିତ୍ର ଉତ୍କଳ ଦିବସ ରେ ସମସ୍ତେ ବନ୍ଦେ ଉତ୍କଳ ଜନନୀ ମିଳିତ ଭାବେ ଗାଇଥିଲେ, ପରେ ପରେ ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ନିଶିକାନ୍ତ ମିଶ୍ର ଓ ସମ୍ପାଦକ ଉମାନାଥ ମିଶ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଜଗନ୍ନାଥ ପ୍ରାଧନ, ଓ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ଟ୍ରଷ୍ଟ ର ଇ ପେପର ବହୁରୂପା ଓ ଶ୍ରୀଜଗନ୍ନାଥ ଚେତନା ସମାଚାର କୁ ଉଦଘାଟନ କରିଛନ୍ତି ଏହା ମାସକୁ ଥରେ ସୋସିଆଲ ମିଡ଼ିଆ ରେ ଛଡ଼ାଯିବ,ଏହି ଇ ପେପର ରେ ମା ଆଦିଶକ୍ତି ଓ ପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ସମ୍ବନ୍ଧୀୟ କାର୍ଯ୍ୟକ୍ରମ କୁ ଟ୍ରଷ୍ଟ ପକ୍ଷରୁ ପ୍ରଚାର ଓ ପ୍ରସାର କରିବାକୁ ଚେଷ୍ଟା କରିବ,ଆଜି ପବିତ୍ର ଉତ୍କଳ ଦିବସ ଅବସରରେ ମା ଖଣ୍ଡୁଆଳି ବୁଢୀ ଠାକୁରାଣୀ ପୀଠ ଠାରେ ଇ ପେପର ଟିକୁ ସାର୍ବଜନୀନ କରାଯାଇ ଥିଲା ,ତୃତୀୟ ଦିନ ଶ୍ରୀମଦ୍ଦେବି ଭାଗବତ ମହାପୁରାଣ ସତସଙ୍ଗ ରେ ଏହି ଅବସରରେ ଶ୍ରୀ ପ୍ରଭାକର ମଲ୍ଲିକ ରାଧାବଲ୍ଲଭ ସିଂ, ନିରଞ୍ଜନ ଦାଶ ବୈକୁଣ୍ଠ ମହାପାତ୍ର,ସଭାପତି ଡ଼ ନାରାୟଣ ମହାପାତ୍ର, ମନ୍ଦିର କମିଟି ସଭାପତି ଶ୍ରୀ ଅର୍ଜୁନ ମଙ୍ଗରାଜ ଓ ସମ୍ପାଦକ ଶ୍ରୀ ସୁଧାଂଶୁ ତ୍ରିପାଠୀ ମଳୟ ରଞ୍ଜନ ମହାପାତ୍ର, ଦିଲ୍ଲୀପ ପଟ୍ଟନାୟକ, ବିପିନ ବିହାରୀ ସାହୁ ସୁବାସ ଜଗତି ମନୋଜ ରାଉଳ ରଞ୍ଜନ ସାମଲ,ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ,ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ଇଣ୍ଡିଆ ଭୁବନେଶ୍ୱର ଓଡିଶା।

# କାର୍ଯ୍ୟ ଶେଷ ହେବାର ସପ୍ତାହେ ନ ପୁରୁଣୁ ଭାଙ୍ଗିଲା ଲକ୍ଷାଧିକ ଟଙ୍କା ପାଣିରେ ପଡିଲା

**ଭାପୁର,(ନି.ପ୍ର) :** ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଏବଂ ଠିକାଦାର ଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପ୍ରାୟ ୧.୬୦ ଲକ୍ଷ ଟଙ୍କାର କାର୍ଯ୍ୟ ଶେଷ ହେବାର ୭ ଦିନ ଭିତରେ ଭାଙ୍ଗି ଚୁରମାର । ଏହିଭଳି ନିମ୍ନମାନର କାର୍ଯ୍ୟ ଦେଖିବାକୁ ମିଳିଛି କରବର ହୋମିଓପାଥି ସ୍ୱାସ୍ଥ୍ୟ କେନ୍ଦ୍ରର ପାଚେରି ଏବଂ ଚଟାଣ ନିର୍ମାଣରେ। ଯାହାକି ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ଭାପୁର ବ୍ଲକ କରବର ଗ୍ରାମରେ ଅବସ୍ଥିତ ହୋମିଓପାଥି ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରୀ ଓ ଚଟାଣ କାର୍ଯ୍ୟ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସ୍ୱତନ୍ତ୍ର ମରାମତି ପାଇଁ ଏକ ଲକ୍ଷ ଷାଠିଏ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ନୟାଗଡ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ



ତରଫରୁ ଚୟନ କରାଯାଇ ଠିକାଦାର ମନୋରଞ୍ଜନ ଜେନା ଙ୍କୁ କାର୍ଯ୍ୟ କରିବାପାଇଁ ୱାର୍କ ଅର୍ଡର୍ (କାର୍ଯ୍ୟାଦେଶ ) ପ୍ରଦାନ କରାଯାଇଥିଲା । କାର୍ଯ୍ୟ ସମାପ୍ତ ର ଏକ ସପ୍ତାହ ନ ପୁରୁଣୁ ଚଟାଣ ଭାଙ୍ଗି ତା ତଳୁ ଶୁଖିଲା ବାଲି ଓ ସିମେଣ୍ଟ ଖଣ୍ଡ ଖଣ୍ଡ ହୋଇ ବାହାରୁଛି । ପୁନଶ୍ଚ, ଏନେଇ ଅଭିଯୋଗ କଲେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଭିଯୋଗକାରୀ ଙ୍କୁ ଧମକ ଦେଉଛନ୍ତି। ତେଣୁ, ଏହିଭଳି ନିମ୍ନମାନର କାର୍ଯ୍ୟକୁ ନେଇ ଗ୍ରାମବାସୀ ଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ତେଣୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟ ର ସଠିକ୍ ଭାବେ ତଦନ୍ତ କରାଯିବା ସହ ଏଭଳି ନିମ୍ନମାନର କାର୍ଯ୍ୟ ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଠିକାଦାର ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କରବର ଗ୍ରାମର ସମାଜସେବୀ ସୋମନାଥ ସାହୁ ଦାବି କରିଛନ୍ତି।

# ମ.ରାମପୁର ଓକିଲ ସଂଘ ନିର୍ବାଚନ ଶେଷ

**କଳାହାଣ୍ଡି,(ନି.ପ୍ର) :** କଳାହାଣ୍ଡି ଜିଲ୍ଲା ମ.ରାମପୁର ଓକିଲ ସଂଘ ନିର୍ବାଚନ ଶେଷ ହୋଇଛି। ସଭାପତି ଭାବେ ଜୟ କୁମାର ସିଂହଦେଓ ନିର୍ବାଚିତ ହୋଇଥିବା ବେଳେ ସଂପାଦକ ଭାବେ ସପନ କୁମାର ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଯତୀନ ସାହୁ,ସହ ସଂପାଦକ ଦୁର୍ଗାପ୍ରସାଦ ମିଶ୍ର,ଯୁଗ୍ମ ସଂପାଦକ ଠାକୁର ସାହୁ, କୋଷାଧକ୍ଷ ଭାବେ ଆଶିଷ କୁମାର ମିଶ୍ର ନିର୍ବାଚିତ ହୋଇଛନ୍ତି। ଜୟ କୁମାର ସିଂହଦେଓ ୩୮ଖଣ୍ଡ ଭୋଟ ପାଇଥିବା ବେଳେ ବିଜୟ କୁମାର ମହାଖୁଡ ୨୩ଖଣ୍ଡ ଭୋଟ ପାଇଥିଲେ।ଆଉ ୧ଗୋଟି ଭୋଟ ନାକଚ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ପ୍ରଶାନ୍ତ ପଣ୍ଡା ନିର୍ବାଚନ ପରିଚାଳନା କରିଥିଲେ।



# ଉତ୍କଳ ଜନନୀ ପୂଜନ ଓ ୧୭ତମ ବିଦ୍ୟାରମ୍ଭ ଯଜ୍ଞ

**ବାଲିଅନ୍ତା,(ନି.ପ୍ର) :** ବ୍ଲକ୍ ଅନ୍ତର୍ଗତ ମା' ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିର, ଅଲାରପୁର ପ୍ରାଙ୍ଗଣରେ ୮୮ତମ ଉତ୍କଳ ଜନନୀ ପୂଜନ ଏବଂ ୧୭ତମ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା, ଅଭିଭାବକ ଉତ୍କଳ ଜନନୀଙ୍କୁ ପୂଜାର୍ଚ୍ଚନା କରିବା ସହିତ ଉତ୍କଳ ର ସଂସ୍କୃତି ପରମ୍ପରା କୁ ଆଧାର କରି ବିଭିନ୍ନ ପ୍ରକାର ନୃତ୍ୟ



ଶିଶୁମାନେ ପରିବେଷଣ କରିଥିଲେ । ଏହାସହିତ ଏକଦିବସୀୟ ବିଦ୍ୟାରମ୍ଭ ଯଜ୍ଞ ହୋଇଥିଲା । ନୂତନ କରି ନାମ ଲେଖାଇଥିବା ଶିଶୁ ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଗୁରୁମା ଲକ୍ଷ୍ମୀପ୍ରିୟା ମିଶ୍ର, ଜାନକୀ ମହାପାତ୍ର, ସୂର୍ଯ୍ୟକାନ୍ତି ସାହୁ ଗୁରୁଜୀ ପୂର୍ଣ୍ଣ ଚନ୍ଦ୍ର ବେହେରା, ଶ୍ରୀକାନ୍ତ କୁମାର ଦାଶ ସମେତ ସମସ୍ତ ଗୁରୁମା ସହଯୋଗ କରିଥିଲେ । ସର୍ବଶେଷରେ ବୈଜୟନ୍ତୀ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୋଳମୁଣ୍ଡାଇରେ ଏକ ଶୋ' ରୁମ୍ ରେ ଭୟଙ୍କର ଅଗ୍ନିକାଣ୍ଡ

# କୋଟିଏ ଟଙ୍କାର ସମ୍ପତ୍ତି ଜଳି ପୋଡ଼ି ପାଉଁଶ



**କଟକ,(ନି.ପ୍ର) :** କଟକ ଦୋଳମୁଣ୍ଡାଇରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ଦୋଳମୁଣ୍ଡାଇ କପଡ଼ା ଗୋଦାମରେ ନିଆଁ। ଗୋଦାମ ଭିତରୁ ପ୍ରବଳ ଧୂଆଁ ବାହାରୁଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ତେବେ ସୁଟକେସ୍ ଶୋ' ରୁମ ଏବଂ କପଡ଼ା ଦୋକାନରେ ସମେତ ସେଠାରେ ଥିବା ଅନ୍ୟ ଏକ ଶୋ' ରୁମରେ ନିଆଁ ଲାଗିଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ କୋଟିଏ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। କର୍ମଚାରୀମାନେ କହିଛନ୍ତି ଯେ ସକାଳୁ ଶୋ' ରୁମ୍ ଖୋଲି ଏସି ସୁଇଚ୍ ଅନ୍ କରିବା କ୍ଷଣି ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲା। ପାଖ ଦୋକାନଗୁଡ଼ିକୁ କିଭଳି ନିଆଁ ଲାଗିବ ନାହିଁର୍ ସେଥିପାଇଁ ସତର୍କତା ଅବଲମ୍ବନ କରାଯାଇଥିଲା। ଘଟଣାସ୍ଥଳରେ ୩ଟି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ ପାଇଁ ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି। ନିଆଁ ହୁତୁହୁର ହୋଇ ଜଳୁଥିବାରୁ ପାଖରେ ରହିଥିବା ଲୋକେ ଆତଙ୍କିତ ହୋଇଥିବା ଜଣାପଡ଼ିଛି। ତେବେ ଘଟନସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।

# ଉତ୍କଳ ଦିବସ ଉପଲକ୍ଷେ ରକ୍ତଦାନ ଶିବିର



**ବାଲିଅନ୍ତା,(ନି.ପ୍ର) :** ଉତ୍କଳ ଦିବସ ଉପଲକ୍ଷେ ସମ୍ବିଧାନ ସୁରକ୍ଷା ମଞ୍ଚ ଓଡ଼ିଶା ତରଫରୁ ଏକ ରକ୍ତଦାନ ଶିବିର ବାଲିଅନ୍ତା ବ୍ଲକର ବାଳକାଟି ମେଡିକାଲ ରେ ସଂଗଠନ ର ରାଜ୍ୟ ସଭାପତି ପୀତବାସ ନାୟକ ଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା ଏହି ରକ୍ତଦାନ ଶିବିର ଟି ବିରଳ ଥାଲାସେମିଆ ରୋଗରେ ଆକ୍ରାନ୍ତ ଶିଶୁ ମାନଙ୍କ ପାଇଁ ମୁଖ୍ୟତଃ ଆୟୋଜିତ ହୋଇଥିଲା ଏହି ଶିବିର କୁ ମୁଖ୍ୟ ଅତିଥି ରୂପେ କ୍ୟାପିଟାଲ ହସ୍ପିଟାଲ ବ୍ଲଡ଼ ବ୍ୟାଙ୍କ ର ଅଧିକାରୀ ଶ୍ରୀଯୁକ୍ତ ଦେବାଶିଷ ମିଶ୍ର ଓ ସମ୍ମାନିତ ଅତିଥି ରୂପେ ବାଳକାଟି ମେଡିକାଲ ର ସୁପରିଟେଣ୍ଡେ ଶ୍ରୀଯୁକ୍ତ ତନମୟ ତ୍ରିପାଠୀ ମିଳିତ ଭାବରେ ଫିତାକାଟି ଉଦଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନ ପ୍ରତି ଭ୍ରାନ୍ତ ଧାରଣା ବିଷୟରେ ସଚେତନ କରିଥିଲେ ଏହି ଶିବିର ରେ ସଂଗଠନ ର ଉପ-ସଭାପତି ଦେବାଶିଷ ବେହେରା, ରାଜ୍ୟ ମହାସଚିବ ପ୍ରକାଶ ବିଶ୍ୱାଳ,ଯୁଗ୍ମ ସମ୍ପାଦକ ଧ୍ରୁବ ଚରଣ ଭୋଇ,ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ନାୟକ ସିନିଅର ସିଟିଜେନ ସନ୍ତୋଷ କୁମାର ପଟ୍ଟନାୟକ, ରାଜ୍ୟର ଫାଇନାନ୍ସ ମୁଖ୍ୟ ପଦ୍ମଚରଣ ପ୍ରଧାନ, କୋଷାଧକ୍ଷ ପପୁନ ବେହେରା, ଅଜେୟ ନାୟକ, ମହିଳା ସଭାନେତ୍ରୀ ବଳଲତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ । ଆଜି ର ଏହି ଶିବିର ର ରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା

# ମହୁ ମାଛି ଆକ୍ରମଣରେ ତିନି ଜଣ ଗୁରୁତର



**ନନ୍ଦପୁର,(ନି.ପ୍ର) :** ନନ୍ଦପୁର ମହୁ ମାଛି ଆକ୍ରମଣ ରେ ଆଜି ତିନି ଜଣ ଗୁରୁତର ଆହାତ ହୋଇଥିବା ଦେଖିବାକୁ ମିଳିଛି । ଏହି ଘଟଣା ଘଟିଛି ଲମତାପୁଟ ବ୍ଲକ ବନମାଳି ପୁଟ ଗ୍ରାମ ଶ୍ରୀ ମନ୍ଦିର ନିକଟ ରେ ସୁଚନା ଅନୁଯାୟୀ ଦିନ ପ୍ରାୟ ୧୧ ସମୟେରେ ମେଡିପୁଟ ଗାଁ ର ଦାସି ପୁକିଆ, ଦୈମତି ପୁକିଆ ଦୁଇ ଜଣ ସ୍ୟମି ସ୍ତ୍ରୀ ଭତା ଟଙ୍କା ଉଠାଇବା ପାଇଁ ଦେବଗନ୍ଧଣା ଗ୍ରାମ କୁ ଚାଲି ଚାଲି ଯାଉଥିା ବେଳେ । ବନମାଳିପୁଟ ଶିବ ମନ୍ଦିର ନିକଟରେ ଦୁଇ ଜଣ ଙ୍କୁ ମହୁ ମାଛି ଆକ୍ରମଣ କରିଥିବା ଦେଖିବାକୁ ମିଳିଛି। ସହି ସମୟ ରେ କଟକାର ଗ୍ରାମ ର ଗୋରା ଗୋଲରି ନିଜ ବାଇକ ଯୋଗେ ବନମାଳିପୁଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ବେଳେ ଗୋରା ଗୋଲରି ଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଏହି ଘଟଣା ଶୁଣିବା ପରେ ସକାଳ ଖବର କାଗଜ ପ୍ରତିନିଧି ହିରଣ୍ୟ ବିଷୋଇ ଓ ତାଙ୍କ ସହଯୋଗୀ ମହୁ ମାଛି ଆକ୍ରମଣ କରିଥିା ତିନି ଜଣଙ୍କୁ ବନମାଳିପୁଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଚିକିତ୍ସା ପରେ ଡାକ୍ତର ଅଭିନାଶ ପାଲ ତିନି ଜଣ ଙ୍କ ସ୍ୟାସ୍ଥ ଅବସ୍ଥା ସ୍ଥିର ଥିବା କହିଛନ୍ତି।

# ଉତ୍କଳ ଦିବସ ପାଳନ କମିଟି ପକ୍ଷରୁ ଉତ୍କଳ ଦିବସ ପାଳିତ

**ଭୁବନେଶ୍ୱର,(ନି.ପ୍ର) :** ଆଜି ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ପାଳିତ ହୋଇଯାଇଛି ଉତ୍କଳ ଦିବସ ଯାହା ପ୍ରତ୍ୟକ ବର୍ଷ ଇଂରାଜୀ ମାସ ଅପ୍ରେଲ ୧ ତାରିଖ ରେ ପାଳିତ ହଇ ଆସୁଛି, ଉତ୍କଳ ଦିବସ ତଥା ଓଡିଶା ଦିବସ ଭାବେ ଆଜିର ଦିନଟିକୁ ଓଡିଶା ବାସି ଆନନ୍ଦ ଉଲ୍ଲାସରେ ପାଳନ କରି ଆସୁଛନ୍ତି, ଏଥିରେ ଆମ କଳା ସଂସ୍କୃତି ଐତିହ ଓ ଆମ ପୂର୍ବ ମହାପୁରୁଷ ଙ୍କ କଥା ମନେ ପକାଇଥାଉ ଯାହା କୀର୍ତ୍ତି ମାନ କରି ଆମକୁ ଛାଡି ଚାଲିଯାଇଛନ୍ତି। ସେଇ ଭଳି ଆଜି କେନ୍ଦୁଝର ଜିଲ୍ଲା ବଲାଣି ଠାରେ ଅତି ଆନନ୍ଦ ଉଲ୍ଲାସରେ ପାଳିତ କରାଯାଇଛି ଉତ୍କଳ ଦିବସ, ଏହି ଉତ୍କଳ ଦିବସ ଅବସରରେ ସକାଳୁ ବଲାଣି ସ୍ଥିତ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଏକତ୍ରିତ ହଇ ବଲାଣି ସେଲ ପେଟ୍ରୋଲ ପମ୍ପ ଠାରୁ ସଭାଯାତ୍ରା ଆରମ୍ଭ କରି ସହର ସାରା ଭ୍ରମଣ କରି ସାରି ବଲାଣି ଠାରେ ଥିବା ଗପବନ୍ଧୁ ଛକ କୁ ପହଞ୍ଚିଥିଲେ। ଗପବନ୍ଧୁ ଛକ ଠାରେ ଛାତ୍ର ଛାତ୍ରୀଙ୍କ ଅଭିଭାବକ ତଥା ମୁଖ୍ୟ ଅତିଥି ଭାବେ ବଲାଣି ଲୌହ ଖଣି ସେଲ ର ଟିପ ଜେନେରାଲ ମ୍ୟାନେଜର ଜୟଦେବ ଚଟଉପାଧ ଏବଂ ଶ୍ରୀ ଚଟଉପାଧ ଙ୍କ ସହ ଧର୍ମ ପତ୍ନୀ ସହ ଅନ୍ୟ ଅଧିକାରୀ ଗଣ ଉପସ୍ଥିତ ରହି ଗପବନ୍ଧୁ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ଏଥି ସହ ବଲାଣି ଲୌହ ଖଣି ର ମୁଖ୍ୟ ଫାଟକ ସମ୍ମୁଖରେ ଥିବା ଓଡ଼ିଶାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଙ୍କ ପର୍ତ୍ତି ମୂର୍ତ୍ତି ରେ ମଧ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସନ୍ଧ୍ୟା ସମୟରେ ବଲାଣି ସ୍ଥିତ ଜି ଏନ ଆର ସି ଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ କର୍ମ ମାନ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଷଣ କରିବା ସହ କିଛି ମହିଳା ମାନେ ଲୁଚି ଯାଇଥିବା ଖାଦ୍ୟ କୁ ଲୋକ ଲୋଚନ କୁ ଆଣିବାର ଏକ ପ୍ରୟାସ ମଧ୍ୟ କରିଥିବା ବେଳେ ସେଥିରେ ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ଅନ୍ୱେଷଣ କରିଥିବା ଦେଖିବାକୁ ମିଳିଛି।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra ସମ୍ପାଦକ : ସତ୍ୟଜିତ ମହାପାତ୍ର